# ଏକକ - ୮ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ପାଇଁ ସମ୍ବଳ ଓ ସାମଗ୍ରୀ



ଟିପ୍ପଣୀ

ସଂରଚନା


୮.୦ ଉପକ୍ରମ

୮.୧ ଶିକ୍ଷଣ ଉଦ୍ଦେଶ୍ୟ

୮.୨ ଗୋଟିଏ ଶିକ୍ଷଣ ସମ୍ବଳ କଣ

୮.୩ ପରିବେଶ ଅଧ୍ୟୟନରେ ଶିକ୍ଷଣ ସମ୍ବଳର ମହତ୍ତ୍ୱ

୮.୪ ସମ୍ବଳ ସମୂହର ପ୍ରକାର ଭେଦ ଓ ସେଗୁଡ଼ିକର ବ୍ୟବହାର

୮.୪.୧ ଗୋଷ୍ଠୀ ସମ୍ବଳ ସମୂହ

୮.୪.୨ ଆନୁଷ୍ଠାନିକ ସମ୍ବଳ ସମୂହ

୮.୪.୩ ଶିକ୍ଷଣ ସମ୍ବଳଭାବେ ପ୍ରକୃତିର ଉପାଦାନ

୮.୪.୪ ଗଣ ମାଧ୍ୟମ ସମ୍ବଳ ସମୂଳ

୮.୪.୫ ପ୍ରଯୁକ୍ତି ବିଦ୍ୟା ସମ୍ବଳ ସମୂହ

୮.୪.୬ ମନୁଷ୍ୟ କୃତ ସମ୍ବଳ ସମୂହ

୮.୫ ସ୍ଥାନୀୟ ଉପଲବ୍ଧ ସାମଗ୍ରୀ ସମୂହକୁ ସୃଜନାତ୍ମକ ଭାବେ ବ୍ୟବହାର କରିବା ।

୮.୬ ସମ୍ବଳ କେନ୍ଦ୍ର ଭାବେ ବିଦ୍ୟାଳୟ ଗୋଟିଏ ରତ୍ନ ଭଣ୍ଡାର ସୃଷ୍ଟି କରିବା ।

୮.୭ ସମ୍ବଳ ସଂଗ୍ରହର ବିକାଶ ଓ ରକ୍ଷଣାବେକ୍ଷଣରେ ଶିକ୍ଷାର୍ଥୀ ଓ ଗୋଷ୍ଠୀର ଭୂମିକା

୮.୮ ସାରାଂଶ

୮.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୮.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୮.୧୧ ପାଠାନ୍ତ ପ୍ରଶ୍ନାବଳୀ


## ୮.୦ ଉପକ୍ରମ

ଏହି ପାଠ୍ୟକ୍ରମର ପୂର୍ବ ଏକକ ଗୁଡ଼ିକରେ ପରିବେଶ ଅଧ୍ୟୟନ ପାଇଁ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ସହିତ ଏହାର ପରିସର ସଂପର୍କରେ ତୁମେ ପଢିସାରିଛ । ତୁମେ ମନେପକାଇ ପାରିବ ଯେ 'ପରିବେଶ' ଅର୍ଥ ପରିବେଷ୍ଟନୀ । ଏହା ପ୍ରାକୃତିକ, ସାଂସ୍କୃତିକ ଏବଂ ଏପରିକି ସାମାଜିକ ପରିବେଶକୁ ଅର୍ନ୍ତଭୁକ୍ତ କରେ । ପରିବେଶ ମାଧ୍ୟମରେ ଶିକ୍ଷାଦାନ କରିବା ପରିବେଶ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ । ପରିବେଶ ଶିକ୍ଷାର ଏହି ଦିଗ ଉପରେ ଆଲୋକପାତ କରିବା ଓ ସାରା ବର୍ଷ ପାଇଁ ପରିବେଶ ଅଧ୍ୟୟନ ଶିକ୍ଷାଦାନ- ଶିକ୍ଷଣ ନିମିତ୍ତ ଯୋଜନାର ଆବଶ୍ୟକତାକୁ ପୁନଃସଂରକ୍ଷଣ କରିବା, ପରିବେଶ ଅଧ୍ୟୟନ ପାଇଁ ସ୍ଥାନୀୟ ଉପଲବ୍ଧ ସମ୍ବଳ ସମୂହ ଓ ସାମଗ୍ରୀର ଯୋଜନା ଓ ସଂଗ୍ରହ କରିବା ଏହି ଅଧ୍ୟୟନରେ ବର୍ଣ୍ଣିତ ।

ପରିବେଶ ଅଧ୍ୟୟନରେ ଶିକ୍ଷଣ ସହାୟତା ସୃଜନଶୀଳ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ଆମନ୍ତ୍ରିତ କରିଥାଏ । ତେଣୁ ସ୍ଥାନୀୟ ଶିକ୍ଷାଦାନ-ଶିକ୍ଷଣ ସମ୍ବଳ ଓ ସାମଗ୍ରୀର ବିକାଶ କରିବା, ରକ୍ଷଣା-ବେକ୍ଷଣ କରିବା, ବିନିମୟ କରିବା ଓ ଉପଯୋଗ କରିବା ଜଣେ ପରିବେଶ ଅଧ୍ୟୟନ ଶିକ୍ଷକ ପାଇଁ ଗୁରୁତ୍ୱପୂର୍ଣ୍ଣ । ପରିବେଶ ଅଧ୍ୟୟନ ପାଇଁ ସ୍ଥାନୀୟ ସମ୍ବଳ ଓ ସାମଗ୍ରୀର ଚିହ୍ନଟ ଓ ଉପଯୋଗ ଉପରେ ଏହି ଏକକରେ ବିଶଦ ଭାବେ ଆଲୋଚନା କରାଯିବ ।

ିପ୍ପଣୀ

ଟିପ୍ପଣୀ

## ୮.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ସମାପ୍ତି ପରେ ତୁମେ ନିମ୍ନୋକ୍ତ କାର୍ଯ୍ୟଗୁଡ଼ିକୁ କରିବାକୁ ସମର୍ଥ ହେବ :

- ପରିବେଶ ଅଧ୍ୟୟନ ପାଇଁ ଶିକ୍ଷଣ ସମ୍ବଳର ଗୁରୁତ୍ୱକୁ ବୁଝାଇବା
- ସ୍ଥାନୀୟ ଶିକ୍ଷଣ ସମ୍ବଳ ସମୂହର ଚିହ୍ନଟ ଓ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣରେ ଏଗୁଡ଼ିକର ବ୍ୟବହାର
- ଉପଯୁକ୍ତ ସମ୍ବଳ ସମୂହର ବ୍ୟବହାର କରି ପରିବେଶ ଅଧ୍ୟୟନ ପାଇଁ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀର ବିକାଶ କରିବା
- ସ୍ଥାନୀୟ ଉପଲବ୍ଧ ସମ୍ବଳ ସମୂହର ବ୍ୟବହାର କରି ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ ସଂପାଦାନ କରିବା
- ପରିବେଶ ଅଧ୍ୟୟନ ପାଇଁ ଏକ ସମ୍ବଳ ଆଧାର ନିର୍ମାଣ କରିବାରେ ଶିକ୍ଷାର୍ଥୀ, ପିତାମାତା ଓ ଗୋଷ୍ଠୀର ସଦସ୍ୟମାନଙ୍କ ଭୂମିକାକୁ ଚିହ୍ନଟ କରିବା ।

## ୮.୨ ଗୋଟିଏ ଶିକ୍ଷଣ ସମ୍ବଳ କ'ଣ ?

'ସମ୍ବଳ' ଅର୍ଥ ଯାହା ଗୋଟିଏ ଲକ୍ଷ ହାସଲ କରିବାକୁ ବ୍ୟବହାର କରାଯାଇ ପାରିବ (The Oxford Advanced Learner's Dictionary) । ଜଣେ ଶିକ୍ଷକ ଭାବେ ତୁମେ ଅଭିଧାନ ମାନଚିତ୍ର ବା ନମୂନା ଆଦି ଭଳି ଅନେକ ସମ୍ବଳକୁ ପରିବେଶ ଅଧ୍ୟୟନ ପାଠକୁ ଭଲଭାବେ ପରିଚାଳନା କରିବାରେ ତୁମକୁ ସାହାଯ୍ୟ କରିବା ପାଇଁ ଆଗରୁ ବ୍ୟବହାର କରି ସାରିଥିବ । ବର୍ତ୍ତମାନ ନିମ୍ନୋକ୍ତ ଉଦାହରଣ ଗୁଡ଼ିକୁ ଦେଖ ।

- ବୃକ୍ଷ ବିଷୟରେ ଶିକ୍ଷାଦାନ କରିବାକୁ ଚାହୁଁଥିବା ଜଣେ ଶିକ୍ଷକ, ବିଦ୍ୟାଳୟ ବଗିଚାକୁ ଏକ ଶିକ୍ଷଣ ସମ୍ବଳ ବ୍ୟବହାର କରିପାରନ୍ତି ।
- ନଦୀ ବା ପୋଖରୀର ଧାରଣା ସ୍ୱଷ୍ଟ କରିବାକୁ, ଶିକ୍ଷକ ନଦୀ ବା ପୋଖରୀର ପରିଦର୍ଶନ ବା ଏହାର ଏକ ଛବି ବା ଭିଡିଓ ପ୍ରଦର୍ଶନର ବ୍ୟବସ୍ଥା କରିପାରନ୍ତି ।

ଉପର ବର୍ଣ୍ଣିତ ଉପାଦାନ ଗୁଡ଼ିକ ଏହିଭଳି ଭାବେ ଯେତେବେଳେ ବ୍ୟବହାର ହୋଇଥାଏ, ମାନଚିତ୍ର, ନମୂନା, ବିଦ୍ୟାଳୟ, ବଗିଚା, ପୋଖରୀ, ଭିଡିଓ ଆଦି ସମସ୍ତ ଶିକ୍ଷାଦାନ-ଶିକ୍ଷଣ ସାଧନ ସମୂହରେ ପରିଣତ ହୋଇଥାଏ ।

## ୮.୩ ପରିବେଶ ଅଧ୍ୟୟନରେ ଶିକ୍ଷଣ ସମ୍ବଳର ମହତ୍ତ୍ୱ

ପରିବେଶ ଅଧ୍ୟୟନର ଶିକ୍ଷାଦାନ-ଶିକ୍ଷକ ନିମିତ୍ତ ଶିକ୍ଷା ସମ୍ବଳ ମହତ୍ତ୍ୱ ର ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ :-

- ମଣିଷ, ସଂସ୍କୃତି ଓ ଜୈବ ଭୌତିକ ପରିବେଷ୍ଟନୀ ମଧ୍ୟରେ ପାରସ୍ପରିକ ସଂପର୍କକୁ ବୁଝିବା ଓ ପସନ୍ଦ କରିବାର ଆବଶ୍ୟକୀୟ ଦକ୍ଷତା ଓ ମନୋବୃତ୍ତି ଗୁଡ଼ିକର ବିକାଶ କରିବା ନିମିତ୍ତ ପରିବେଶ ଅଧ୍ୟୟନ ଧାରଣା ଗୁଡ଼ିକର ସ୍ୱଷ୍ଟତା ଓ ମୂଲ୍ୟବୋଧ ସମୂହର ଚିହ୍ନଟ କରିବାର ପ୍ରକ୍ରିୟା ଅଟେ ।
- ପରିବେଶ ଅଧ୍ୟୟନରେ ବାହ୍ୟ ଆଧାରିତ ଶିକ୍ଷଣ ପ୍ରକ୍ରିୟାଗୁଡ଼ିକ ପଳପ୍ରଦ ଅଟେ ।
- ଜୀବନର ଭୌତିକ, ଜୈବିକ, ସାମାଜିକ ଓ ସାଂସ୍କୃତିକ ଦିଗରେ ବାସ୍ତବ ଜୀବନ ଆଧାରିତ

ଅଭିଜ୍ଞତା ପରିବେଶ ଅଧ୍ୟୟନ ପାଇଁ ଉପଯୋଗୀ ଅଟେ । ସ୍ଥାନୀୟ ସମ୍ବଳ ଓ ସାମଗ୍ରୀର ବ୍ୟବହାର ବାସ୍ତବ ଜୀବନ ଆଧାରିତ ଶିକ୍ଷଣକୁ ସହାୟତା କରିଥାଏ ।

- ପରିବାରଠାରୁ ଆରମ୍ଭ କକରି ବୃହତ୍ତର ପରିବେଶ ପର୍ଯ୍ୟନ୍ତ ଗତି କରିବାରେ ଶିକ୍ଷାର୍ଥୀର ବୌଦ୍ଧିକ ସାମର୍ଥ୍ୟ, ଦକ୍ଷତା ଓ ନିପୂଣତା ଅଭିବୃଦ୍ଧି କରିବା ଏବଂ ତାକୁ ସାମାଜିକ ଘଟଣା ସଂପର୍କରେ ଉତ୍କର୍ଣ୍ଣିତ କରିବାକୁ ପରିବେଶ ଅଧ୍ୟୟନ ଲକ୍ଷ୍ୟ ରଖିଥାଏ । ସୃଜନଶୀଳଭାବେ ଜଣେ ଶିକ୍ଷକ ସମ୍ବଳ ଗୁଡ଼ିକୁ ବ୍ୟବହାର କରି ଏହାକୁ ହାସଲ କରିପାରିବ ।
- ସ୍ଥାନୀୟ ସମ୍ବଳ ସମୂହକୁ ବ୍ୟବହାର କରି ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟକ୍ଷ ଶିକ୍ଷଣ ଅଭିଜ୍ଞତାମାନ ପ୍ରଦାନ କରି ସେମାନଙ୍କ ନିଜର ଜ୍ଞାନ ନିର୍ମାଣ, ଦକ୍ଷତା ଓ ମୂଲ୍ୟବୋଧ ଗୁଡ଼ିକର ବିକାଶ କରିବାରେ ସାହାଯ୍ୟ କରିପାରିବେ ।
- ଏହି ଶୈକ୍ଷିକ ଉପାଦେୟତା ବ୍ୟତୀତ, ଏହାର ଅନେକ ଗୁଡ଼ିଏ ସାମାଜିକ ସୁବିଧାମାନ ମଧ୍ୟ ରହିଛି ।
- ସ୍ଥାନୀୟ ସମ୍ବଳ ଗୁଡ଼ିକ ସହାୟତାରେ ତୁମେ ସମାଜ ଓ ପଡ଼ୋଶୀ ଗୋଷ୍ଠୀ ଗୁଡ଼ିକ ମଧ୍ୟରେ ଦୃଢ଼ ସଂପର୍କ ସ୍ଥାପନ କରିପାରିବ ।
- ଶିକ୍ଷାର୍ଥୀମାନେ ସେମାନଙ୍କ ଅଧ୍ୟୟନ ମାଧ୍ୟମରେ ସେମାନଙ୍କ ଚତୁଃପାର୍ଶ୍ୱର ପୃଥିବୀ ସହ ସଂପର୍କ ସ୍ଥାପନ କରିପାରିବେ ଓ ଏହାର ବିପରୀତ କ୍ରମରେ ମଧ୍ୟ, ଯାହା ଶିକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।
- ଶିକ୍ଷାର୍ଥୀମାନେ ସେମାନଙ୍କର ପରିବେଶ ବିଷୟରେ ସଚେତନ ହୋଇ ପାରିବେ ।
- ଶିକ୍ଷାର୍ଥୀମାନେସେମାନଙ୍କ ନିକଟତ୍ତମ ପରିବେଶର ସୁରକ୍ଷା ନିମିତ୍ତ ଶିକ୍ଷାର୍ଥୀମାନେ ସମ୍ବେଦନଶୀଳ ହେବେ ।

ଏହି ସୁବିଧାଗୁଡ଼ିକୁ ହାସଲ କରିବା ପାଇଁ, ଜଣେ ଶିକ୍ଷକଙ୍କର ସ୍ଥାନୀୟ ସମ୍ବଳଗୁଡ଼ିକୁ ଚିହ୍ନଟ, ବିକାଶ ଓ ବ୍ୟବହାର କରିବା ପାଇଁ ଜ୍ଞାନ ଓ ଦକ୍ଷତା ନିଶ୍ଚିତ ରହିବା ଦରକାର ।

## ୮.୪ ସମ୍ବଳ ସମୂହର ପ୍ରକାରଭେଦ ଓ ସେଗୁଡ଼ିକର ବ୍ୟବହାର

ତୁମ ଚତୁଃପାର୍ଶ୍ୱରେ ବିବିଧ ସମ୍ବଳମାନ ଉପଲବ୍ଧ । ଜଣେ ସୃଜନୀଶୀଳ ପରିବେଶ ଅଧ୍ୟୟନ ଶିକ୍ଷକ ଭାବେ, ତୁମେ ସେଗୁଡ଼ିକର ଚିହ୍ନଟ ଓ ଫଳପ୍ରଦ ବ୍ୟବହାର ନିମିତ୍ତ ସାମର୍ଥ୍ୟ ବିକାଶର ଆବଶ୍ୟକ କରିପାର । ଏହି ସମ୍ବଳ ଗୁଡ଼ିକ ମୁଖ୍ୟତଃ ନିମ୍ନୋକ୍ତ ଭାବେ ବର୍ଗୀକରଣ କରାଯାଇପାରେ ।

୧. ଗୋଷ୍ଠୀ ସମ୍ବଳ ସମୂହ - ବଢ଼େଇ, ଦୋକାନୀ, ପିତାମାତ. ଶିକ୍ଷକମାନେ

୨. ଆନୁଷ୍ଠାନିକ ସମ୍ବଳ ସମୂହ - ବ୍ୟାଙ୍କ, ଡାକ୍ତରଖାନା, ଅଫିସ୍, ବିଶ୍ୱବିଦ୍ୟାଳୟ

୩. ପ୍ରାକୃତିକ ସମ୍ବଳ ସମୂହ - ନଦୀ, ଜଙ୍ଗଲ, ପୋଖରୀ, ମାଟି, ସମୁଦ୍ର

୪. ଗଣ ମାଧ୍ୟମ ସମ୍ବଳ ସମୂହ - ଖବରକାଗଜ, ଟେଲିଭିଜନ, ରେଡିଓ, ପୋଷ୍ଟର, ବିଜ୍ଞାପନ

୫. ପ୍ରଯୁକ୍ତିବିଦ୍ୟା ସମ୍ବଳ ସମୂହ - ମୋବାଇଲ, ଫୋନ, କ୍ୟାମେରା, ଟେପ୍‌ରେକର୍ଡ଼ର, କମ୍ପ୍ୟୁଟର, ଇଣ୍ଟରନେଟ୍, ସିଡ଼ି

୬. ମନୁଷ୍ୟକୃତ ସମ୍ବଳ ସମୂହ - କଲମ, ଚେୟାର, ପେନସିଲ୍, ଅଦରକାରୀ କାଗଜ

### ୮.୪.୧ ଗୋଷ୍ଠୀ ସମ୍ବଳ ସମୂହ :

ତୁମେ ଜାଣକି ଯେ ପଡ଼ୋଶୀ ଗୋଷ୍ଠୀରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଶିକ୍ଷକଙ୍କ ପାଇଁ ଗୋଟିଏ ସମ୍ବଳ ହୋଇପାରିବେ ? "ପ୍ରତ୍ୟେକ ବ୍ୟକ୍ତି ଗୁରୁତ୍ୱପୂର୍ଣ୍ଣ" ଏହି ବିଶ୍ୱାସ ଏହି କାର୍ଯ୍ୟପାଇଁ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ହୋଇପାରିବ । ବ୍ୟାବହାରିକ କାର୍ଯ୍ୟ ଜ୍ଞାନ ନିର୍ମାଣକୁ ଆଗେଇ ନିଏ । ତେଣୁ ଦୈନନ୍ଦିନ କାର୍ଯ୍ୟ ଅଭିଜ୍ଞତା ପ୍ରତ୍ୟେକ ବ୍ୟକ୍ତିକୁ ପ୍ରବୀଣ କରିଦିଏ । ମାଳୀ, କମାର ଏପରିକି ବଢେଇ ଭଳି ଜଣେ ଜଣେ କୁଶଳୀ କାରିଗର ତୁମପାଇଁ ଅତ୍ୟନ୍ତ ଉପଯୋଗୀ ସମ୍ବଳ ହୋଇପାରିବେ । ଅସ ଦେଖିବା କିପରି ଜଣେ କୁମ୍ଭାର ତୁମ ପାଠ ଅଧିବେଶନରେ ତୁମକୁ ସାହାଯ୍ୟ କରିପାରିବ ।

- ଏହି ସପ୍ତାହରେ ତୁମେ "ଆମେ ପ୍ରସ୍ତୁତ ଓ ସଂପାଦାନ କରୁଥିବା ଜିନିଷ"ପ୍ରସଙ୍ଗରେ ଆଲୋଚନା କରୁଛ । କୁମ୍ଭାର ଜଣକ ତା'ର ବ୍ୟକ୍ତିଗତ ଅଭିଜ୍ଞତା ବିଷୟରେ ଯେ କେବଳ କହିବ ତାହା ନୁହେଁ, ବରଂ ସେହି ଅଞ୍ଚଳର ମାଟି, ମାଟିଜିନିଷ ତିଆରି କରିବାର ପ୍ରକ୍ରିୟା ଭଳି ଅନେକ ଦିଗ ଉପରେ କହିପାରିବ ।

ଏବେ ତୁମେ ସେହିଭଳି ଅନେକ ନାମକୁ ଗୋଟିଏ ସମ୍ବଳ ରୂପେ ତାଲିକା କରିବାରେ ସମର୍ଥ ହେବ ଯଥା କମାର, ବଣିଆ, ମାଳୀ । ଏବେ ଦେଖ ସ୍ଥାନୀୟ ଗୋଷ୍ଠୀର ସଦସ୍ୟଙ୍କ ବିଶେଷଜ୍ଞାନକୁ ବ୍ୟବହାର କରି ଜଣେ ଶିକ୍ଷକ ନିପୁଣ ହୋଇପାରିବେ ।

- ନିର୍ମଳାର ବାପା ଯେ କି ଜଣେ କୃଷକ, ତା'ର ଶିକ୍ଷକ ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ସାଧାରଣ ଭାବେ ଉଦ୍ଭିଦ ଓ ବିଶେଷ କରି ଅନାବନା ଗଛ ସଂପର୍କରେ ଭଲଭାବେ ବୁଝିବାରେ ସାହାଯ୍ୟ କରିବା ନିମିତ୍ତ ଆମନ୍ତ୍ରିତ ହୋଇଥିଲେ ।
- ଜଣେ ସ୍ୱାସ୍ଥ୍ୟକର୍ମୀ ଭାବେ ମଣିଷ ଶରୀର ସହିତ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ସଂପର୍କିତ ପ୍ରସଙ୍ଗଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିବାକୁ ସମର୍ଥ ହେବାରେ ସ୍ଥାନୀୟ ପଟଓ୍ୱାରୀ ବା ରାଜସ୍ୱ ଅଧିକାରୀ ଉଭୟ ମାନଚିତ୍ର ଓ ସ୍ଥାନୀୟ ଇତିହାସ ଉପରେ ଜଣେ ପ୍ରବୀଣ ବ୍ୟକ୍ତି ଅଟନ୍ତି ।
- ଅବିନାଶ, ଯେକି ଜଣେ ବଢ଼େଇ, ସହରରୁ ଫେରିବା ବାଟରେ ତୁମକୁ ତୁମର ଶ୍ରେଣୀରେ ପରିମାପନ ଉପରେ ଜଣେ ଶିକ୍ଷକ ଭାବରେ ସାହାଯ୍ୟ କରିପାରେ, ଯେଉଁଥିରେ ସେ ଜଣେ ପ୍ରବୀଣ ବ୍ୟକ୍ତି ଅଟେ । ସେ ଯେତେବେଳେ ଉପଲବ୍ଧ ନ ହୁଅନ୍ତି, ତେବେ ତୁମେ ସ୍ଥାନୀୟକୁ ଦର୍ଜୀକୁ ତୁମକୁ ସାହାଯ୍ୟ କରିବାପାଇଁ ଡାକିପାରିବ ।
- ଛୋଟ ପିଲାଙ୍କୁ ମଜାଳିଆ ଗପ ଶୁଣାଇବାକୁ ଅନେକ ଜେଜେ ବାପା ମାଆ ଅପେକ୍ଷା କରି ରହିଥାଆନ୍ତି । ଏହି ଲୋକ କଥା ଗୁଡ଼ାକ କଣ୍ଢେଇନାଚ, ଭୂମିକା ଅଭିନୟ ଭଳି ଅନ୍ୟକାମକୁ ପରିବର୍ତ୍ତନ କରାଯାଇପାରିବ ।
- ତୁମେ ନିଶ୍ଚିତଭାବେ ଅନେକ ଅବସରପ୍ରାପ୍ତ ବୃତ୍ତିଧାରୀ ବ୍ୟକ୍ତିଙ୍କୁ ଚିହ୍ନଟ କରିପାରିବ (ଶିକ୍ଷକ, କିରାଣୀ, ପୋଲିସ, ପ୍ରତିରକ୍ଷା ବ୍ୟକ୍ତିବିଶେଷ) ଯେଉଁମାନେ ତୁମକୁ ଓ ବିଦ୍ୟାଳୟକୁ ସ୍ୱେଚ୍ଛାକୃତ ଭାବେ ସାହାଯ୍ୟ କରିବାକୁ ଆସି ପାରିବେ ।
- ମନେରଖ ଯେ ପିଲାଟି ନିଜେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ସମ୍ବଳ । ପିଲାଟିର କୌତୁହଳୀ ପ୍ରକୃତି ଥାଏ । ସେ ତା' ପରିବେଶର ଜଣେ ତୀକ୍ଷ୍ଣ ପର୍ଯ୍ୟବେକ୍ଷକ । ତା ପର୍ଯ୍ୟବେକ୍ଷଣର ଉତ୍ତମ ବର୍ଣ୍ଣିତ ଉଦ୍ଦେଶ୍ୟ ନଥାଇ ପାରେ କିନ୍ତୁ ସେ ଧାରାବାହିକ ଭାବେ ଏହା କରେ । ଜଣେ ଶିକ୍ଷାର୍ଥୀ ପାଇଁ ଏହି ପର୍ଯ୍ୟବେକ୍ଷଣ ଗୁଡ଼ିକ ଅର୍ଥପୂର୍ଣ୍ଣ ଶିକ୍ଷଣରେ ପରିବର୍ତ୍ତନ କରିବାରେ ତାକୁ ସାହାଯ୍ୟ କରିବା ଶିକ୍ଷକଙ୍କ ଭୂମିକା ଅଟେ ।

- ଏହା ମନେରଖିବା ଦରକାର ଯେ ତୁମର ସାଥୀ ଶିକ୍ଷକ ବୃନ୍ଦ ତୁମପାଇଁ ଗୋଟିଏ ମୂଲ୍ୟବାନ ସମ୍ବଳ ହୋଇପାରିବେ ।

ନିମ୍ନରେ ଦିଆଯାଇଥିବା ଏକ ନମୂନା ଫର୍ଦ୍ଦ ଯାହା ଶିକ୍ଷାର୍ଥୀ ମାନଙ୍କୁ ତାଙ୍କ ପଡ଼ୋଶୀ ସହରରୁ କୃଷକମାନଙ୍କ ସହିତ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ବିବରଣୀ ଲିପିବଦ୍ଧ କରିବାରେ ସାହାଯ୍ୟ କରିବ ।



**ନମୂନା ଫର୍ଦ୍ଦ**

ଜଣେ କୃଷକକୁ ଭେଟିବା/ସାକ୍ଷାତ କରିବା

- କୃଷକଙ୍କ ନାମ :
- ପରିବାରର ସଦସ୍ୟ ସଂଖ୍ୟା :
- ସେ କେତେ ଜମିର ଅଧିକାରୀ :
- ସେ ଚାଷ କରୁଥିବା ଶସ୍ୟ :
- ତାଙ୍କ ଚାଷ/ଶସ୍ୟକୁ ପ୍ରଭାବିତ କରୁଥିବା ମୁଖ୍ୟ ଉପାଦାନ :
- ଚାଷ ପାଇଁ ସେ ଟ୍ରାକ୍ଟର ବା ଅନ୍ୟାନ୍ୟ ଯନ୍ତ୍ରପାତି ବ୍ୟବହାର କରନ୍ତି କି :
- ଜଳ ସେଚନର ଉତ୍ସ :
- ବ୍ୟବହୃତ ଜଳ ସେଚନର ପ୍ରକାର ଓ କାହିଁକି :
- ଋତୁ କାଳୀନ ଶସ୍ୟ :
- ଚାଷ କାର୍ଯ୍ୟରେ ଲାଭ ଓ କ୍ଷତି :
- ଚାଷରେ ସେ ପଶୁମାନଙ୍କୁ ବ୍ୟବହାର କରନ୍ତି କି ? ଯଦି ହଁ କେଉଁ ପଶୁ ଓ କିପରି :
- ଚାଷରେ ସେ ସାର ପ୍ରୟୋଗ କରନ୍ତି କି :
- ସାରର ନାମ କ'ଣ :
- ମୃର୍ତ୍ତିକାର ଉର୍ବରତାକୁ ସେ କିପରି ନିଶ୍ଚିତ କରନ୍ତି ?

### ୮.୪.୨ ଆନୁଷ୍ଠାନିକ ସମ୍ବଳ ସମୂହ

ଅନୁଷ୍ଠାନ, ବିଶେଷକରି ସର୍ବସାଧାରଣ ସେବା ଆଧାରିତ ଅନୁଷ୍ଠାନ ଗୁଡ଼ିକ ଅତି ଫଳପ୍ରଦ ସ୍ଥାନୀୟ ସମ୍ବଳ ହୋଇପାରିବେ । ପ୍ରତ୍ୟେକ ଅନୁଷ୍ଠାନର ନିଜସ୍ୱ ଅନନ୍ୟ କାର୍ଯ୍ୟ କରିବାର ଅଧିକାର ଓ ଦୃଷ୍ଟିଭଙ୍ଗୀ ରହିଛି ଯାହା ଜଣେ ଶିକ୍ଷକ ପ୍ରାସଙ୍ଗିକ ଅନୁଷ୍ଠାନଗୁଡ଼ିକୁ ପରିଦର୍ଶନ କରିବାରେ ଯୋଜନା ଓ ସମନ୍ୱୟ କରିପାରିବ । ଏହା ମଧ୍ୟ ବାସ୍ତବ ଜୀବନ ସଂଯୋଗକୁ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସହିତ ନିଶ୍ଚିତ କରେ । ଏହିଭଳି କେତେକ ସମ୍ଭାବନା ନିମ୍ନ ପ୍ରକାରରେ ଦେଖାଯାଏ :

- ସର୍ବସାଧାରଣ ସୁବିଧା ସୁଯୋଗ : ସର୍ବସାଧାରଣ ଡାକ୍ତରଖାନା, ବସ୍‌ଷ୍ଟେସନ, ପୋଷ୍ଟ ଅଫିସ୍, ପୋଲିସ ଷ୍ଟେସନ୍, ସର୍ବସାଧାରଣ ପାଠାଗାର, ବ୍ୟାଙ୍କ, ପଶୁ ଡାକ୍ତରଖାନା, ଗ୍ରାମ ପଞ୍ଚାୟତ ଅଫିସ୍, ପୌରପରିଷଦ ଅଫିସ୍
- ସଂଗ୍ରହାଳୟ ଓ ଐତିହାସିକ ସ୍ଥାନ : ପ୍ରାକୃତିକ ଐତିହାସିକ ସଂଗ୍ରହାଳୟ, ସ୍ଥାନ, ପାର୍କ ଓ ବଗିଚା, ପରୀକ୍ଷାଗାର, ଶୀତଳ ଭଣ୍ଡାର

ଟିପ୍ପଣୀ

- ଅନ୍ୟାନ୍ୟ ପ୍ରତିଷ୍ଠାନ : ଉଦ୍ଭିଦ/ତାରାଗୃହ, ପବନ କଳ, ବିଶ୍ୱବିଦ୍ୟାଳୟ, ନଦୀବନ୍ଧ, ଚିଡ଼ିଆଖାନା, ଦମକଳ କେନ୍ଦ୍ର ।
- ବ୍ୟବସାୟ ଓ ଶିଳ୍ପାଞ୍ଚଳ : ବିଜୁଳି ଘର, କାରଖାନା ଯାହା ପିଲାମାନଙ୍କ ପାଇଁ ହାନୀକାରକ ନୁହେଁ, ବାଣିଜ୍ୟିକ ପ୍ରତିଷ୍ଠାନ, ସ୍ଥାନୀୟ ବଜାର ଇତ୍ୟାଦି
- ସ୍ଥାନୀୟ ମେଳା ମଧ୍ୟ ଉତ୍ତମ ଶିକ୍ଷଣ ପାଇଁ ସୁଯୋଗ ପ୍ରଦାନ କରିଥାଏ । ମେଳା ବୁଲିବା ଦ୍ୱାରା ଶିକ୍ଷାର୍ଥୀମାନେ ବଜାର କିପରି ପରିଚାଳିତ ହୁଏ ତାହା ଶିଖି ପାରିବେ ଓ ସ୍ଥାନୀୟ ପ୍ରଥା, ପୋଷାକ ପରିଧାନ ଶୈଳୀ, ଲୋକଙ୍କ ଜୀବିକା ନିର୍ବାହ କୌଶଳକୁ ଅନୁଭବ କରିପାରିବେ ।

ଆନୁଷ୍ଠାନିକ ପରିଦର୍ଶନ : ନମୂନା ବିବରଣୀ ଲିଖନ ଫର୍ଦ୍ଦ

ତାରିଖ
ବିଦ୍ୟାଳୟ
ଶିକ୍ଷାର୍ଥୀ
ଶ୍ରେଣୀ

ଗୋଟିଏ ଶୀତଳ ଭଣ୍ଡାର ପରିଦର୍ଶନ :

- ଶୀତଳ ଭଣ୍ଡାର ମୁଖ୍ୟଙ୍କ ନାମ
- ତୁମକୁ ମାର୍ଗ ଦର୍ଶନ କରୁଥିବା ଓ ଅନୁଷ୍ଠାନ ସଂପର୍କରେ ସୂଚନା ଦେଉଥିବା ବ୍ୟକ୍ତିଙ୍କ ନାମ ଓ ପଦବୀ
- ଏହାର ଅବସ୍ଥିତି
- ଏହା କ'ଣ ସଂଗ୍ରହ କରି ରଖେ ?
- ଏହାକୁ କିଏ ବ୍ୟବହାର କରେ ?
- ଶୀତଳ ଭଣ୍ଡାରରେ କେଉଁ ପ୍ରକାର ଶସ୍ୟ ଗଚ୍ଛିତ କରାଯାଇ ପାରିବ ?

| କ୍ରମିକ ନମ୍ବର | ଶସ୍ୟର ନାମ | ଗଚ୍ଛିତ କରିବା ପାଇଁ ସର୍ବନିମ୍ନ ତାପମାତ୍ରା | ଗଚ୍ଛିତ କରି ରଖିବାର ସର୍ବୋତ୍ତମ ସମୟ ଅବଧି |
|---|---|---|---|
| ୧. | | | |
| ୨. | | | |
| ୩. | | | |
| ୪. | | | |
| ୫. | | | |
| ୬. | | | |
| ୭. | | | |

- ଶୀତଳ ଭଣ୍ଡାରରେ କେତେ କର୍ମଚାରୀ କାମ କରନ୍ତି ?
- ଏହି ପ୍ରକାର ଏକ ସୁବିଧା ଆମ ଦୈନନ୍ଦିନ ଜୀବନରେ କିପରି ସାହାଯ୍ୟ କରିବ ?

### ୮.୪.୩ ଶିକ୍ଷଣ ସମ୍ବଳ ଭାବେ ପ୍ରକୃତିର ଉପାଦାନ

ପରିବେଶ ଅଧ୍ୟୟନ ପାଇଁ ଗୋଟିଏ ଅତି ଭଲ ଶିକ୍ଷଣ ସମ୍ବଳ ରୂପେ ପ୍ରାକୃତିକ ପରିବେଶକୁ କୁହାଯାଇଥାଏ । ଏହାର କାରଣ ମନୁଷ୍ୟ ମାନେ ପ୍ରାକୃତିକ ପରିବେଶର ଗୋଟିଏ ଅଂଶ ଓ ସେହି ହେତୁରୁ ଶିକ୍ଷଣ ଅତି ପ୍ରାକୃତିକ ଭାବେ ପିଲା ପାଖକୁ ଚାଲି ଆସେ ।

ପାହାଡ, ପୋଖରୀ, ତୃଣଭୂମୀ, ଜଙ୍ଗଲ, ସମୁଦ୍ର ଇତ୍ୟାଦି ପ୍ରାକୃତିକ ଉପାଦାନ ପିଲାମାନଙ୍କୁ ପ୍ରଭାବିତ କରିଥାଏ ଓ ସେମାନଙ୍କ ମଧ୍ୟରେ କୌତୁହଳତା ସୃଷ୍ଟି କରେ । ତେଣୁ ଜଣେ ଶିକ୍ଷକ ଭାବେ, ଯଦି ତୁମେ ପିଲାମାନଙ୍କୁ ପ୍ରକୃତିରେ ବା ପ୍ରକୃତିରୁ ଶିଖିବା ପାଇଁ ସୁଯୋଗ ଦେବ, ତେବେ ଶିକ୍ଷଣରେ ସହାୟତା ଦେବା କାର୍ଯ୍ୟ ତୁମ ପାଇଁ ଅତି  ସହଜ ହୋଇଯିବ । ବିଦ୍ୟାଳୟ ସମୟ ନିର୍ଘଣ୍ଟ ଢାଞ୍ଚାରେ ତୁମେ ବାହ୍ୟ ପରିବେଶ ଆଧାରତି ଶିକ୍ଷଣ ପାଇଁ ଅଧିକ ସୁଯୋଗ ପାଇବାକୁ ସମର୍ଥ ହୋଇ ନପାର, ତେବେ ବର୍ଷକ ଭିତରେ ଗୋଟିଏ ସୁଯୋଗ ତୁମ ଓ ତୁମ ପିଲାଙ୍କ ପାଇଁ ଫଳପ୍ରଦ ହୋଇପାରିବ । ତେଣୁ ପ୍ରାକୃତିକ ଐତିହ୍ୟ ସ୍ଥାନ ଓ ପ୍ରାକୃତିକ ଶିବିରଗୁଡିକର ପରିଦର୍ଶନ ଫଳପ୍ରଦ ହୋଇପାରିବ ।

ଅନେକ ସମୟରେ ବାହ୍ୟ ପରିବେଶ ଆଧାରିତ ଶିକ୍ଷା ଏକ ବିରକ୍ତିକର ଓ ଜଟିଳ ପ୍ରକ୍ରିୟା ବିଶିଷ୍ଟ ପ୍ରତୀୟମାନ ହୋଇଥାଏ । ତେବେ, ଏହି ଭାଗର ଷଷ୍ଠ ଏକକରେ ଆଲୋଚିତ ହେବା ଭଳି, ବାହ୍ୟ ପରିବେଶ ଆଧାରିତ ଶିକ୍ଷଣ ପରିବେଶ ତୁମ ନିଜ ବିଦ୍ୟାଳୟ ପରିସରରେ ମିଳିପାରିବ ବା ବିଦ୍ୟାଳୟ ପାଖରେ ଥିବା ପାର୍କ ଆଦିରେ ମିଳିପାରିବ । ସେହି ଏକକରେ ମଧ୍ୟ ବାହ୍ୟ ପରିବେଶ ଆଧାରିତ ଶିକ୍ଷଣ ଅଧିବେଶନ ଗୁଡିକରେ ଯୋଜନା କରିବାର ବିବିଧ ସୋପାନ ସମୂହର ବିଶଦ ଆଲୋଚନା କରାଯାଇଛି ।

### ୮.୪.୪. ଗଣ ମାଧ୍ୟମ ସମ୍ବଳ ସମୂହ

ଆଜି ଏକ ବିସ୍ତାରିତ ଶୈକ୍ଷିକ ଗଣ ମାଧ୍ୟମ ଉପଲବ୍ଧ । ଖବରକାଗଜ, ଆନୁପାତିକ ଭାବେ ଶସ୍ତା ଓ ସାର୍ବଜନୀନ ଭାବେ ଉପଲବ୍ଧ, ଏକ ଅମୂଲ୍ୟ ଶିକ୍ଷଣ ସମ୍ବଳ ଅଟେ । ସର୍ବୋପରି, ବୈଦ୍ୟୁତିକ ଗଣ ମାଧ୍ୟମ ଶୈକ୍ଷିକ ସମ୍ଭାବନାକୁ ବିବିଧ ଅଭିନବ ଉପାୟରେ ଶିକ୍ଷା ପାଇଁ ବିନିଯୋଗ କରାଯାଇ ପାରିବ । ଭିଡିଓ, ଫିଲ୍ମ, ଟେଲିଭିଜନ, କମ୍ପ୍ୟୁଟର, ଇଣ୍ଟରନେଟ ଆଦି ସବୁ ପୃଥିବୀକୁ ଶ୍ରେଣୀଗୃହକୁ ଆଣିବାର ସମ୍ଭାବନା ପ୍ରଦାନ କରିଥାଏ । ଜନପ୍ରିୟ ଓ ସହଜ ଉପଲବ୍ଧ ଶିକ୍ଷାଦାନ-ଶିକ୍ଷଣ ସମ୍ବଳ ସମୂହ ଗଣ ମାଧ୍ୟମ ଯୋଗାଇ ଦେଇଥାଏ । ପରିବେଶ ଅଧ୍ୟୟନ ପାଇଁ ଗଣ ମାଧ୍ୟମ ବ୍ୟବହାରର ମୁଖ୍ୟ ସୁବିଧା ହେଉଛି ଯେ ଶିକ୍ଷାର୍ଥୀମାନେ ସାଂପ୍ରତିକ ପରିବେଶ ଆଧାରିତ ଘଟଣା ବିଷୟରେ ଶିଖନ୍ତି । ସେମାନେ ମଧ୍ୟ ଗୋଟିଏ ଘଟଣା ଉପରେ ପଢିବା ଓ ବିଭିନ୍ନ ମତାମତ ଓ ଦୃଷ୍ଟିକୋଣ ବୁଝିବାର ସୁଯୋଗ ପାଆନ୍ତି ।

ଗଣ ମାଧ୍ୟମ ସମ୍ବଳ ଅନ୍ତର୍ଭୁକ୍ତ କରିଥାଏ:

- ସ୍ଥାନୀୟ,ଜାତୀୟ, ଓ ଆର୍ନ୍ତଜାତୀୟ ଖବରକାଗଜ
- ପତ୍ରିକା ବିଶେଷ କରି ପରିବେଶ ଅଧ୍ୟୟନ ପାଇଁ ଅନ୍ତର୍ଭୁକ୍ତ କରିଥାଏ- Safari,The National Geographic, Down to Earth,Vigyan Darshan )
- ଦୂରଦର୍ଶନ ଚ୍ୟାନେଲ ଯଥା:The Discovery,The National,Geographic chanel,planet earth,Travel and Living
- ପରିବେଶ ଅଧ୍ୟୟନ ସଂପର୍କିତ ରେଡିଓ କାର୍ଯ୍ୟକ୍ରମ -  Gyan Bharati,Vividh Bharati

ଟିପ୍ପଣୀ

- ପରିବେଶ ସଂପର୍କିତ–website protals
- ଦୂରଦର୍ଶନ ଓ ଅନ୍ୟାନ୍ୟ ଶୈକ୍ଷିକ ଚ୍ୟାନେଲରେ ପ୍ରସାରିତ ପରିବେଶ ସଂପର୍କିତ କାର୍ଯ୍ୟକ୍ରମ
- ଚିତ୍ରକଳା,ପ୍ରଦର୍ଶନୀ ଇତ୍ୟାଦି

ପରିବେଶ ଅଧ୍ୟୟନ ପାଇଁ ମାଧ୍ୟମ କିପରି ବ୍ୟବହାର କରିବା ତାହା ଉପରେ କେତେକ ଧାରଣା:

- ପରିବେଶ ଅଧ୍ୟୟନ ସଂପର୍କିତ ଖବରକାଗଜ କଟା ଅଂଶକୁ ବ୍ୟବହାର କରି ପ୍ରାସଙ୍ଗକୁ ନେଇ ଗବେଷଣା କାର୍ଯ୍ୟ ବା ପ୍ରକଳ୍ପ ହାତକୁ ନେଇପାରିବ ।
- ପରିବେଶ ସଂପର୍କିତ ଚ୍ୟାନେଲ ଓ ପତ୍ରିକା ବ୍ୟବହାର କରି ପ୍ରାସଙ୍ଗିତ ପରିବେଶ ପ୍ରସଙ୍ଗ ସଂପର୍କରେ ତଥ୍ୟ ଓ ମତାମତଗୁଡ଼ିକୁ ଆଲୋଚନା କରାଯାଇପାରିବ ।
- ଖବର କାଗଜ ଓ ପ୍ରତିକାଗୁଡ଼ିକରୁ ବୈଜ୍ଞାନିକ ଓ ପରିବେଶ ସଂପର୍କିତ ଗଳ୍ପଗୁଡ଼ିକୁ ପଢ଼ିବାକୁ ତୁମେ ପିଲାମାନଙ୍କୁ ପ୍ରସ୍ତୁତ କରିପାରିବ ।
- ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC)ଦ୍ୱାରା ପ୍ରସାରିତ ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରାଯାଇପାରିବ । ସେମାନଙ୍କ ଆଗରୁ ଏ ବିଷୟରେ ସୂଚନା ଦିଆଯାଇ ପାରିବ । ଏହା ମଧ୍ୟ ପୂର୍ବରୁ ବା ପରେ ଏକ ପ୍ରାସଙ୍ଗିକ ଶ୍ରେଣୀ ଅଧିବେଶନ ଦ୍ୱାରା ପରିଚାଳିତ ହୋଇପାରିବ ।
- ପୋଷ୍ଟର ଓ ଚିତ୍ରକଳା ବ୍ୟବହାର କରି ତୁମେ ପିଲାମାନଙ୍କୁ ପ୍ରାସଙ୍ଗିକ ପରିବେଶ ବିଚାର ଉପରେ ସେମାନଙ୍କ ଧାରଣା ଓ ମତାମତ ପ୍ରକାଶ କରିବାକୁ ସେମାନଙ୍କୁ ସାହାଯ୍ୟ କରିପାରିବ ।

### ୮.୪.୫. ପ୍ରଯୁକ୍ତିବିଦ୍ୟା ସମ୍ବଳ ସମୂହ

ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷକଙ୍କୁ ସହାୟତା ଦେବାରେ ଆଜି ଅନେକ ଗୁଡ଼ିଏ ପ୍ରଯୁକ୍ତିବିଦ୍ୟା ଉପଲବ୍ଧ । Oxford Advanced Dictionary ପ୍ରଯୁକ୍ତିବିଦ୍ୟାକୁ "ଶିଳ୍ପରେ ବ୍ୟାବହାରିକ ଉପାୟରେ ବୈଜ୍ଞାନିକ ଜ୍ଞାନର ବ୍ୟବହାର" ବୋଲି ସୂଚିତ କରିଥାଏ । ପ୍ରଯୁକ୍ତିବିଦ୍ୟା ବ୍ୟବହାରରେ ତରୁଣ ବଂଶଧର ମାନେ ଧୁରନ୍ଦର । ପ୍ରଯୁକ୍ତିବିଦ୍ୟା ଉପକରଣ ଗୁଡ଼ିକ ପିଲାମାନଙ୍କୁ ଆକର୍ଷିତ କରେ । ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣରେ ପ୍ରଯୁକ୍ତିବିଦ୍ୟା ଏକ ସୃଜନଶୀଳ ଓ ଅର୍ଥପୂର୍ଣ୍ଣ ଭାବରେ ବ୍ୟବହାର କରାଯାଇ ପାରିବ । ନିମ୍ନରେ କେତେକ ଉଦାହରଣ ମାନ ଦିଆଗଲା ।

| ସମ୍ବଳ ସମୂହ | ପରିବେଶ ଅଧ୍ୟୟନ ଶିକ୍ଷାଦାନ- ଶିକ୍ଷଣରେ ବ୍ୟବହାର |
|---|---|
| ମୋବାଇଲ ଫୋନ୍ | ପଶୁ ଓ ପକ୍ଷୀ ମାନଙ୍କର ରାବ ଭଳି ପ୍ରାକୃତିକ ଶବ୍ଦକୁ ରେକର୍ଡ କରିବାରେ ବ୍ୟବହାର କରାଯାଇ ପାରିବ ।<br>ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଆଦି ଭଳି ସମୟବନ୍ଧା ପ୍ରାକୃତିକ ଘଟଣାଗୁଡ଼ିକୁ ଧରିରଖିବା ପାଇଁ ଷ୍ଟପ ୱାଚ୍ ସୁବିଧା ବ୍ୟବହାର କରାଯାଇ ପାରିବ ।<br>ମାନଚିତ୍ର ପ୍ରସ୍ତୁତି ଓ ମାନଚିତ୍ର ପଠନ ଦକ୍ଷତା ଗୁଡ଼ିକର ଅଭିବୃଦ୍ଧି ପାଇଁ GPS (Global Positioing System) ବ୍ୟବହାର କରାଯାଇ ପାରିବ । |
| କମ୍ପ୍ୟୁଟର | ପରିବେଶ ସଂପର୍କିତ ପ୍ରସଙ୍ଗ ଉପରେ ଭିଡିଓ ଉପସ୍ଥାପନ ପାଇଁ ବହୁବିଧ ମିଡିଆ ସୁବିଧା ବ୍ୟବହାର କରାଯାଇ ପାରିବ ।<br>ତଥ୍ୟର ବିକାଶ, ଗବେଷଣା ସହିତ ଅନ୍ୟ ବିଦ୍ୟାଳୟ, ଗୋଷ୍ଠୀ ବା ଦଳ |

| | |
|---|---|
| | ଗୁଡିକ ସହିତ ବିନିମୟ ଓ ଯୋଗାଯୋଗ ପାଇଁ ଇଣ୍ଟରନେଟ୍ ସୁବିଧା ଏକ ସହଜ୍ର ଗ୍ରହଣୀୟ ସମ୍ବଳ ଅଟେ ।<br>"ଆମ ପୃଥିବୀର ଆଭ୍ୟନ୍ତର", ଉଦ୍ଭିଦ ଶରୀରର ଭିତର ଗତି ଓ ପ୍ରକ୍ରିୟା, "ସମୁଦ୍ର ଭିତର ଜୀବନ", ଆଦି ଭଳି ଅମୂର୍ତ୍ତ ପରିବେଶଗତ ଘଟଣାକୁ ବୁଝିବାରେ ସଜୀବତା (animation) ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିପାରିବ ।<br>ତଥ୍ୟ ଲିପିବଦ୍ଧ କାରଣ ଓ ପୁନରୁଦ୍ଧାର ପାଇଁ, ରେଖଚିତ୍ର ଅଙ୍କନ ଇତ୍ୟାଦି ପାଇଁ ମାଇକ୍ରୋସଫ୍ଟ ଅଫିସ (microsoft office) ଭଳି କାର୍ଯ୍ୟକ୍ରମ ବ୍ୟବହାର କରାଯାଇ ପାରିବ । |
| କ୍ୟାମେରା | ପକ୍ଷୀ, କୀଟପତଙ୍ଗ, ପଶୁମାନଙ୍କ ପ୍ରାକୃତିକ କାର୍ଯ୍ୟକଳାପକୁ ଧରିରଖିବା ଓ ଏହାକୁ ପିଲାମାନଙ୍କ ସହିତ ଶ୍ରେଣୀ ଅଧିବେଶନରେ ବ୍ୟବହାର କରିବା ।<br>କ୍ଷେତ୍ର ପରିଦର୍ଶନ, ବାଟ କଢେଇବା, ପରିଭ୍ରମଣ ଇତ୍ୟାଦିରେ କ୍ୟାମେରା ଅବଶ୍ୟ ଅଧିକ ଭାବେ ବ୍ୟବହୃତ ହୁଏ ।<br>ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ଏବଂ ପ୍ରତିପୁଷ୍ଟି ଅଧିବେଶନ/ ଆକଳନ ପ୍ରକ୍ରିୟାରେ ସେମାନଙ୍କ ସହିତ ଏହାର ବ୍ୟବହାର ଧରିରଖିବାରେ କ୍ୟାମେରା ଅଧିକ ଉପଯୋଗୀ ଅଟେ । |

**ନିଜ ଅଗ୍ରଗତି ଆକଳନ - ୧**

କ) ଯେ କୌଣସି ତିନି ପ୍ରକାରର ଶୈକ୍ଷିକ ସମ୍ବଳ ଉଲ୍ଲେଖ କର ।

............................................................................................................

............................................................................................................

............................................................................................................

ଖ) କେଉଁ ସ୍ଥାନୀୟ ପ୍ରବୀଣ ବ୍ୟକ୍ତିଙ୍କୁ ଖାଦ୍ୟ ଶସ୍ୟ ସଂପର୍କରେ ଶିକ୍ଷାଦାନ ଶିକ୍ଷଣ ନିମିତ୍ତ ବ୍ୟବହାର ପାଇଁ ତୁମେ ପସନ୍ଦ କରିବ ? ୧) ଉଦ୍ଭିଦ ବିଜ୍ଞାନୀ ୨) କୃଷକ ୩) ସବୁଜ ଶସ୍ୟ ବିକାଳୀ

............................................................................................................

............................................................................................................

............................................................................................................

ଗ) ବାରବର୍ଷ ବୟସର ଶିକ୍ଷାର୍ଥୀଙ୍କୁ ସମୁଦ୍ର ଭିତରେ ସଂପର୍କରେ ବୁଝାଇବା ପାଇଁ ତୁମେ କେଉଁ ମାଧ୍ୟମକୁ ବ୍ୟବହାର କରିବାକୁ ପସନ୍ଦ କରିବା ?

୧) ଫଟୋଗ୍ରାଫସ୍, ୨) ନମୂନା, ୩) ଫିଲ୍ମ

............................................................................................................

............................................................................................................

............................................................................................................



ଟିପ୍ପଣୀ

### ୮.୪.୬ ମନୁଷ୍ୟ କୃତ ସମ୍ବଳ ସମୂହ

ପରିବେଶ ଅଧ୍ୟୟନର ଶିକ୍ଷାଦାନ- ଶିକ୍ଷଣରେ ଫଳପ୍ରଦ ଶିକ୍ଷଣ ପରିସ୍ଥିତି ସୃଷ୍ଟି କରିବା ନିମିତ୍ତ ତୁମେ କେତେକ ସାମଗ୍ରୀମାନ ନିଶ୍ଚିତ ବ୍ୟବହାର କରୁଥିବ ଯାହା ମନୁଷ୍ୟ ଦ୍ୱାରା ପ୍ରସ୍ତୁତ ହୋଇଥାଏ । ତୁମେ ଶିକ୍ଷାର୍ଥୀମାନଙ୍କୁ ଏହାର ଏକ ତାଲିକା କରିବା ପାଇଁ କହିପାରିବ । କଲମ, ପେନସିଲ, କାଚ ପଦାର୍ଥ, ଅଦରକାରୀ କାଗଜରୁ ପ୍ରସ୍ତୁତ ସାମଗ୍ରୀ, ସ୍ୱଳ୍ପ ମୂଲ୍ୟ ବା ବିନାମୂଲ୍ୟର ଉପାଦାନ ବ୍ୟବହାର କରି ସାମଗ୍ରୀ ଆଦିର ନାମ ତୁମେ ତାଲିକାରେ ପାଇବ । ଏଗୁଡିକ ଆଣିବା, ଆମୋଦ ପ୍ରମୋଦ କରିବା, ତୁଳନା କରିବା, ମୂର୍ତ୍ତିନିର୍ମାଣ କରିବା, କଣ୍ଢେଇ ତିଆରୀ କରିବାର ଗୋଟିଏ ଗୋଟିଏ ଉତ୍ସ ଯାହା ଶିକ୍ଷାର୍ଥୀ ମନରେ ଧାରଣା ଗଠନ ପାଇଁ ସାହାଯ୍ୟ କରିବାକୁ ବ୍ୟବହାର କରାଯାଏ । ଶ୍ରେଣୀ ପ୍ରକୋଷ୍ଠ, ବିଦ୍ୟାଳୟ ପରିସର ଗୋଟିଏ କୋଣରେ ଏ ଗୁଡିକ ଗଚ୍ଛିତ କରି ରଖାଯାଇ ପାରିବ ଓ ସଂପର୍କିତ କାର୍ଯ୍ୟଗୁଡିକ ପରିଚାଳନାରେ ଏଗୁଡିକ ବ୍ୟବହାର କରାଯାଇ ପାରିବ ।

### ୮.୫. ସ୍ଥାନୀୟ ଉପଲବ୍ଧ ସାମଗ୍ରୀ ସମୂହକୁ ସୃଜନାତ୍ମକ ଭାବେ ବ୍ୟବହାର କରିବା

ଶିକ୍ଷାଦାନ-ଶିକ୍ଷଣ ସମ୍ବଳ ଅର୍ଥ ଚାର୍ଟ, ପୂର୍ବ ପ୍ରସ୍ତୁତ ସାମଗ୍ରୀ, ଗ୍ଲୋବ, ମଡେଲ ଇତ୍ୟାଦି ବୋଲି ସାଧାରଣତଃ ଶିକ୍ଷକମାନେ ବୁଝିବାକୁ ପ୍ରସ୍ତୁତ ହୋଇଥାନ୍ତି । ହିଁ, ଏଗୁଡିକ ଶିକ୍ଷାଦାନ-ଶିକ୍ଷଣ ସମ୍ବଳ ସମୂହ ଅଟେ । ତେବେ, ତୁମ ନିଜ ଚାରିପାଖକୁ ଦେଖ, ତୁମେ ଏହିଭଳି ଅନେକ ଉପାଦାନ ଓ ଯନ୍ତ୍ରପାତି ଯଥା କଲମ, ଚେୟାର, ବାଲିଗରଡା ଇତ୍ୟାଦି ଏପରିକି ପୁରୁଣା ଖବରକାଗଜ, ନିମନ୍ତ୍ରଣ ପତ୍ର, ପରିତ୍ୟକ୍ତ ଆଇସକ୍ରିମ୍ କପ୍ ଓ କାଠି ଆଦିଭଳି ଅଦରକାରୀ ସାମଗ୍ରୀ ଗୁଡିକ ଜଣେ ସୃଜନଶୀଳ ଶିକ୍ଷକମାନଙ୍କ ପାଇଁ ଶିକ୍ଷାଦାନ-ଶିକ୍ଷଣର ଏକ ରତ୍ନ ହୋଇ ପାରିବ । ତେଣୁ ସମୟ ଓ ଅର୍ଥ ଭଳି ଅଧିକ ସମ୍ବଳ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ପରିବର୍ତ୍ତେ, ତୁମର ଅଭିନବ ଓ ସୃଜନଶୀଳ ସାମର୍ଥ୍ୟ ସହଜ ଉପଲବ୍ଧ ଶିକ୍ଷଣ ସମ୍ବଳ ସମୂହ ଭାବେ ସ୍ଥାନୀୟ ସାମଗ୍ରୀ ଗୁଡିକର ବ୍ୟବହାର କରିବାରେ ତୁମକୁ ସାହାଯ୍ୟ କରିପାରିବ । ଅଧିକନ୍ତୁ ଭାବେ, ଏକ ଶିକ୍ଷଣ ସମ୍ବଳ ସମୂହ ରୂପେ ଏହି ରତ୍ନ ଭଣ୍ଡାରର ବ୍ୟବହାର ନିଶ୍ଚିତ କରିବାରେ, ଶିକ୍ଷାର୍ଥୀ ମାନଙ୍କୁ ଅଂଶଗ୍ରହଣ କରିବାରେ ଏକ ଭଲ ଶିକ୍ଷକ ମଧ୍ୟ ସମର୍ଥ ହୋଇପାରିବ । ଆସ କେତେକ ଉଦାହରଣକୁ ଦେଖିବା ।

| ଉପଲବ୍ଧ ସାମଗ୍ରୀ | ଶିକ୍ଷଣ କାର୍ଯ୍ୟ/ କାର୍ଯ୍ୟ ସମୂହ | ଶିକ୍ଷଣ ଉଦ୍ଦେଶ୍ୟ |
|---|---|---|
| ବାଲିଗରଡା | ବାଲିଗରଡା ଗୁଡିକୁ ସଂଗ୍ରହ କରି ତାର ଆକୃତି, ଆକାର ବା ରଙ୍ଗ ଇତ୍ୟାଦି ଆଧାରରେ ବର୍ଗୀକରଣ କର । | ଆକୃତି, ଆକାର ଓ କ୍ରମ ଚିହ୍ନଟ କରିବା । ପ୍ରକୃତିରେ ବିବିଧ ପ୍ରକାରର ବାଲିଗରଡା ଓ ଶିଳା ମିଳେ ବୋଲି ଜାଣିବା । |
| ପତ୍ର | ସଂଗୃହିତ ଝଡା ପତ୍ରକୁ ଶ୍ରେଣୀ/ କ୍ରମରେ ପରିଚାଳନା ଓ ବର୍ଗୀକରଣ କର । | ବର୍ଗୀକରଣ କରିବାର ଦକ୍ଷତାର ବିକାଶ । |
| | ଆକୃତି/ ଆକାର/ ଗଠନ/ ରୂପ ଇତ୍ୟାଦି ଆଧାରରେ ପତ୍ରଗୁଡିକୁ ଶ୍ରେଣୀଭୁକ୍ତ କରିବାକୁ ଶିକ୍ଷାର୍ଥୀ ମାନଙ୍କୁ ମାର୍ଗ ଦର୍ଶନ କରାଯାଇପାରିବ । | ପର୍ଯ୍ୟବେକ୍ଷଣ ଦକ୍ଷତାର ଅଭିବୃଦ୍ଧି ଉଦ୍ଭିଦ ଜଗତ ଭିତରେ ବିବିଧତା ସଂପର୍କରେ ଶିଖିବା । |

| | | |
|---|---|---|
| କାଚ | କାଠ, ପ୍ଲାଷ୍ଟିକ୍, ଲୁହା ଆଦି ବିଭିନ୍ନ ସାମଗ୍ରୀରେ ପ୍ରସ୍ତୁତ ଚେୟାର ଦିଅ । | ପ୍ରସ୍ତୁତ / ଗଠନ ପ୍ରକ୍ରିୟା ସଂପର୍କରେ ଶିଖିବେ । |
| | ଶିକ୍ଷାର୍ଥୀ ମାନଙ୍କୁ ଦଳରେ କାମ କରିବାକୁ କୁହ ଓ ନିମ୍ନୋକ୍ତ ଗବେଷଣାକୁ କାର୍ଯ୍ୟକାରୀ କରିବାକୁ କୁହ । | ଖଣିଜ ପଦାର୍ଥ ଓ ପ୍ଲାଷ୍ଟିକ୍ ସଂପର୍କରେ ଜାଣିବେ ।<br>ଗୋଟିଏ ପଦାର୍ଥର ଜୀବନ ଏହିଧାରଣା ଉପରେ ସହ ପରିଚିତ ହେବେ । |
| | - କେଉଁ ପଦାର୍ଥରେ ଚେୟାରଟି ପ୍ରସ୍ତୁତ ହୋଇଛି ?<br>-ଏହି ସାମଗ୍ରୀଗୁଡିକୁ କେଉଁଠାରୁ ଆସିଛି ?<br>-ଚେୟାରର ମୂଲ୍ୟ ଓ ତା'ର ଜୀବନ କାଳ<br>-ଏହି ସାମଗ୍ରୀ ଅନ୍ୟ ଜୈବପଦାର୍ଥଦ୍ୱାରା ସଢିନଷ୍ଟ ହୁଏକି ?<br>-ଚେୟାରଟି ପରିତ୍ୟକ୍ତ ହେବା ପରେ ଏହି ପଦାର୍ଥଗୁଡିକର ସ୍ଥିତି ପରିଶେଷରେ କଣ ହେବ ? | ବିଭିନ୍ନ ପ୍ରକାର ଅଦରକାରୀ ପଦାର୍ଥ ଓ ସେଗୁଡିକର ଉପଚାର / ବ୍ୟବହାର ସଂପର୍କରେ ଜାଣିବେ । |
| | ଗୋଟିଏ କାଚ ପାତ୍ରର ପୃଷ୍ଠତଳ କ୍ଷେତ୍ର ଓ ଘନତ୍ୱ ମାପ ।<br>ବିଭିନ୍ନ ତରଳ ପଦାର୍ଥରେ କାଚ ପାତ୍ରଟିକୁ ପୂରଣ କର ଯଥା ପାଣି, କ୍ଷୀର, ତେଲ ଇତ୍ୟାଦି । ଗୋଟିଏ ମାପକ ସିଲିଣ୍ଡର ବ୍ୟବହାର କରି ପ୍ରତ୍ୟେକ ତରଳ ପଦାର୍ଥର ଘନତ୍ୱ ବାହାର କର । ଯେ କୌଣସି ସାମାଜିକ ଉତ୍ସବ ଖୋଜି ବାହାର କର ଯେଉଁଠି କାଚ ପାତ୍ରର ମହତ୍ୱପୂର୍ଣ୍ଣ ବ୍ୟବହାର ରହିଛି । | -ମୌଳିକ ପରିମିତି<br>- ସାନ୍ଦ୍ରତା ଓ ଘନତ୍ୱର ସଂପର୍କ<br>-ସ୍ଥାନୀୟ ରୀତିନୀତି ଓ ପ୍ରଥା ବିଷୟରେ ଜାଣିବା । |

ଉପରୋକ୍ତ ସମସ୍ତ ଧାରଣା ପିଲାର ମନରେ ବୌଦ୍ଧିକ କୌତୁହଳ ଉଦ୍ରେକ କରେ ଓ ସେମାନଙ୍କୁ ଅନୁସନ୍ଧାନ, ପତିଫଳନ ଏବଂ ନିଜର ଜ୍ଞାନ ନିର୍ମାଣ ତଥା ବୋଧଗମ୍ୟତା ପାଇଁ ଆଗେଇ ନିଏ । ଜଣେ ଶିକ୍ଷକଭାବେ ଆପଣଙ୍କ ଭୂମିକା ହେଲା ସେମାନଙ୍କୁ ଚିନ୍ତାକରିବା, ଓ ସେ କିପରି କାମ କଲେ ତାହା ଉପରେ ପ୍ରତିଫଳନ କରିବା ଏବଂ ଶିକ୍ଷଣପରେ ଏହାକୁ ସଂକ୍ଷେପଣ କରିବାରେ ଉତ୍ସାହିତ କରିବା ।

ଟିପ୍ପଣୀ

**ସାଇକେଲ ସହ କୌତୁକ**

- ଏହାର ୫୦ରୁ ଅଧିକ ସାମଗ୍ରୀ ଅଛି- ଚିହ୍ନଟକର ଓ ସେଗୁଡ଼ିକର ତାଲିକା କର ।
- ପେଡାଲ୍ ପଛୁଆ ମାରିଲେ ଏହା ବିପରୀତ ଦିଗକୁ କାହିଁକି ଗତି କରେ ନାହିଁ ।
- ସାଇକେଲକୁ ଠିଆ କରାଇ ରଖ, ଜୋର୍‌ରେ ପେଡାଲ ଘୁରାଅ, ତୁମେ ସର୍ବାଧିକ କେତେ ସମୟ ପଛ ଚକାକୁ ମୁକ୍ତ ଭାବେ ଘୁରାଇ ରଖି ପାରିବ (ମୋବାଇଲ ଫୋନ୍‌ର ଷ୍ଟପ୍ ୱାଚ ବ୍ୟବହାର କର) ?
- ତା'ପରେ ସାଇକେଲ ଉପରକୁ ଯାଅ, ଜୋରରେ ପେଡାଲ ଘୁରାଅ କେତେ ସମୟ ଧରି ପୁଣି ପେଡାଲ ନ ଘୁରାଇ ତୁମେ ସାଇକେଲ ଚଲାଇ ପାରିବ ? (ଏହାକୁ ଏକ ଖୋଲା ପଡିଆରେ କର, ଯେଉଁଠାରେ ପଡି କରି ଆଘାତ ହେବାର ସୁଯୋଗ ନଥିବ)
- ଗୋଟିଏ ସାଇକେଲରୁ ତୁମେ କେତେ ଭିନ୍ନପ୍ରକାରର ଶବ୍ଦ ସୃଷ୍ଟି କରିପାରିବ । (ଯଥା ଟାୟରକୁ ଘଷି/ ଚେନ୍‌କୁ ଦୃଢ଼ଭାବେ ଧରି) ଓ ଏହି କାର୍ଯ୍ୟ ଓ ଶବ୍ଦକୁ ବର୍ଣ୍ଣନା କରିବା ପାଇଁ ତୁମେ କେଉଁ ଶବ୍ଦସବୁ ବ୍ୟବହାର କରିପାରିବ ।
- ଭିନ୍ନଭିନ୍ନ ଲୋକମାନେ କିପରି ସାଇକେଲକୁ ସେମାନଙ୍କ ଜୀବନ ଓ ଜୀବିକାର ଏକ ଅଂଶ ଭାବେ ବ୍ୟବହାର କରନ୍ତି ଖୋଜି ବାହାର କର ।

**ଗୋଟିଏ ସୌରରନ୍ଧନ ପାତ୍ର ପ୍ରସ୍ତୁତ କରିବା**

- **ସାମଗ୍ରୀ**

ଜୋତା ବାକ୍ସ

ଆଲୁମିନିୟମର ପତଳା ପତ୍ର / ଚଦର

ଅଠା

କତୁରୀ ବା ଛୁରୀ

ରଙ୍ଗ କରିବାପାଇଁ ବ୍ରଶ

ପାତ୍ର ରଖିବା ପାଇଁ ପ୍ଲାଷ୍ଟିକ ବ୍ୟାଗ୍ (ତାପମାତ୍ରା ଧରିରଖିବାରେ ବ୍ୟାଗ୍ ସାହାଯ୍ୟ କରେ)

- **ପ୍ରଣାଳୀ**



Fig.-1

କ) ଗୋଟିଏ ଜୋତା ଡବା ନିଅ । ଚିତ୍ରରେ ଦେଖା ହେବାଭଳି ତୁମ ଡବା / ବାକ୍ସର ଉପରି ଭାଗରେ ତିନି ପାଖିଆ ଲଟକଣ କାଟ ।



Fig.-2

ଖ) ଡବା / ବାକ୍ସଟିକୁ ଖୋଲ ଓ ଆଲୁମିନିୟମ ପତ୍ର ଦ୍ୱାରା ଏହାର ଭିତରକୁ ଆଚ୍ଛାଦିତ କର ଯେପରି କୌଣସି ଫାଙ୍କ ନରୁହେ । ଏହାପରେ କଳାରଙ୍ଗରେ ଆଲୁମିନିୟମ ପତ୍ରକୁ ରଙ୍ଗ କର ।

ଗ) କଟାଯାଇନଥିବା ଧାର ସହିତ ଲଟକଣକୁ ଭାଙ୍ଗି ଧର ଓ ଲଟକଣର ଭିତର ପାଖରେ ଆଲୁନିୟମ ପତ୍ରକୁ ଲଗାଅ । ନିଶ୍ଚିତ କର ଯେ ଆଲୁମିନିୟମ୍ ପତ୍ରର ଚକ୍‌ଚକ୍ କରୁଥିବା

ପାଖଟି ବାହାରକୁ ରହିବ । ପ୍ରତିଫଳନ ପାର୍ଶ୍ୱ ଓ ଚିତ୍ର ୨ରେ ଦେଖାଯାଇଥିବା ଭଳି ଯେତେ ସମ୍ଭବ କମ କୁଞ୍ଚନ ରହିବ ।

ଘ) ତୁମେ ଏବେ କରିଥିବା ଚିତ୍ରକୁ ଆଚ୍ଛାଦିତ କଲା ଭଳି ଏକ ପ୍ଲାଷ୍ଟିକ ଖଣ୍ଡ ବା ଟାଣ ଫିଲ୍ମ ମାପ । ଛିଦ୍ରଠାରୁ ପ୍ଲାଷ୍ଟିକ ଖଣ୍ଡ ନିଶ୍ଚିତ ବଡ ହେବା ଦରକାର ଯାହା ଫଳରେ ଏକ ଦୃଢ ମୁଦା ଦିଆଯାଇ ପାରିବ ।ଏହ ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଯେ ଥରେ ଏହା ବ୍ୟବହାର ହେଲେ ଯେପରି ଡବା/ବାକ୍ସ ଭିତରୁ ଟିକିଏ ବା ଜମା ବାୟୁ ଯେପରି ବାହାରି ନଯାଏ । ନଚେତ୍, ଏହା ସମଗ୍ରୀକ ରନ୍ଧନ ସମୟକୁ ବୃଦ୍ଧି କରିବା ।

ଙ) ଛିତ୍ରର ଉପରିଭାଗରେ ପ୍ଲାଷ୍ଟିକ ଖଣ୍ଡକୁ ଅଠା, ଟେପ୍ ବା ଷ୍ଟେପଲ ପିନ୍ ଦ୍ୱାରା ଲଗାଅ । ଅଠା ଟେପ୍ ବ୍ୟବହାର କରି ଦୃଢ ମୁଦା ଦେବା ସମୟରେ ଯେପରି ବାୟୁ ଚାଲିଯିବା ପାଇଁ ଫାଙ୍କ ନରୁହେ ତାହା ନିଶ୍ଚିତ କରିବା ଦରକାର ।

ଚ) ପରିଶେଷରେ ପ୍ଲାଷ୍ଟିକ୍ ବ୍ୟାଗରେ କିଛି ଖାଦ୍ୟ ରଖ ଓ ତୁମ ରନ୍ଧନ ପାତ୍ରରେ ଏହାକୁ ଥୁଅ । ଏହାକୁ ସୂର୍ଯ୍ୟଙ୍କ ଆଡକୁ ଏପରି ରଖ ଯେପରି ଆଲୁମିନିୟମ ପାତ୍ରରେ ସର୍ବାଧିକ ସୂର୍ଯ୍ୟକିରଣ ପ୍ରତିଫଳିତ ହୋଇ ଝରକା ବାଟ ଦେଇ ରନ୍ଧନ ପାତ୍ରକୁ ଆସିବ । ଦିନର ଉଜ୍ଜ୍ୱଳତା ଓ ତୁମେ ରାନ୍ଧୁଥିବା ଖାଦ୍ୟର ପରିମାଣକୁ ଆଧାର କରି ରାନ୍ଧିବା ଯେ କୌଣସି ସ୍ଥାନରେ କୋଡିଏ ମିନିଟ୍ ରୁ ଦୁଇ ବା ତିନି ଘଣ୍ଟା ନେଇପାରେ ।

ଏହାସହ, ସ୍ଥାନୀୟ ସ୍ୱଳ୍ପମୂଲ୍ୟ ନା ବିନାମୂଲ୍ୟ ଉପାଦାନ ବ୍ୟବହାର କରି ଫଳପ୍ରଦ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ସୃଷ୍ଟି/ ବିକଶିତ କରିବାରେ ତୁମର ବହୁତ ଅଧିକ ଧାରଣା ନିଶ୍ଚିତ ରହିଥିବ ।

### ନିଜ ଅଗ୍ରଗତି ଆକଳନ -୨

କ) ନିମ୍ନଲିଖିତ ବିନା ମୂଲ୍ୟ ଉପାଦାନଗୁଡିକ ମଧ୍ୟରୁ କେଉଁଗୁଡିକ ତୁମ ବିଦ୍ୟାଳୟରେ ଉପଲବ୍ଧ ତାହାକୁ ଚିହ୍ନ ଦ୍ୱାରା ସୂଚାଅ ।

ବ୍ୟବହୃତ କଲମ, ବାଲିଗରଡା, ଛୋଟଡାଳ, ବ୍ୟବହୃତ ବୋତଲ, ପୁରୁଣା ଟିୟୁବ୍/ଟାୟାର, ସାଇକେଲ୍ ।

.....................................................................................................

.....................................................................................................

ଖ) ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ପାଇଁ ସ୍ଥାନୀୟ ତେଜରାତି ଦୋକାନରୁ ତୁମେ କେଉଁ ଅଦରକାରୀ ଜିନିଷ ପାଇବ ?

.....................................................................................................

.....................................................................................................

ଗ) ଗଛରୁ ପଡିଥିବା ପତ୍ରଗୁଡିକର ସଂଗ୍ରହକ ବ୍ୟବହାର କରିବା ତୁମେ ଶିକ୍ଷାର୍ଥୀ ମାନଙ୍କ ଠାରେ କେଉଁ ଦକ୍ଷତା ବିକାଶରେ ସାହାଯ୍ୟ କରି ପାରିବ ?

.....................................................................................................

.....................................................................................................

ଟିପ୍ପଣୀ

## ୮.୬. ସମ୍ବଳ କେନ୍ଦ୍ର ଭାବେ ବିଦ୍ୟାଳୟ : ଗୋଟିଏ ରତ୍ନ ଭଣ୍ଡାର ସୃଷ୍ଟି କରିବା

ତୁମେ ବର୍ତ୍ତମାନ ଅନୁଭବ କରିଛ ଯେ ତୁମ ଚାରିପାଖରେ ଏହିଭଳି ବିବିଧ ଶୈକ୍ଷିକ ଉପାଦାନ/ ସାମଗ୍ରୀ ଓ ସମ୍ବଳମାନ ରହିଛି ଯାହାକୁ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣ ପାଇଁ ଫଳପ୍ରଦ ଭାବେ ବ୍ୟବହାର କରାଯାଇ ପାରିବ । ତୁମେ କ'ଣ ଭାବୁ ନାହିଁ ଯେ ତୁମ ବିଦ୍ୟାଳୟରେ ଏକ ଶିକ୍ଷଣ ସମ୍ବଳ କେନ୍ଦ୍ର ସୃଷ୍ଟି କରିବାରେ ଏଗୁଡିକ ବ୍ୟବହାର କରାଯାଇ ପାରିବ ? ତୁମ ନିଜ ବିଦ୍ୟାଳୟ ଓ ପଡୋଶୀ ବିଦ୍ୟାଳୟ ଗୁଡିକ ପାଇଁ ଏହିଭଳି ଏକ ସମ୍ବଳ କେନ୍ଦ୍ର କ'ଣ ଉପଯୋଗୀ ହୋଇ ପାରିବ ନାହିଁ ?

ଏହି ଭଳି ଏକ ସମ୍ବଳ କେନ୍ଦ୍ରର ସୃଷ୍ଟି ଓ ରକ୍ଷଣା ବେକ୍ଷଣ କରିବାରେ କେଉଁ ସୋପାନ ଗୁଡିକୁ ଦେଇ ଯିବାକୁ ହେବ ଏବେ ଆସ ଦେଖିବା ।

| ସଂଗ୍ରହ | କୋଣ | ଲିଖିତ ଦସ୍ତାବିତ ଓ ନଥିପତ୍ର |
|---|---|---|
| ଆମେ ଶିକ୍ଷାର୍ଥୀମାନଙ୍କ ସହାୟତାରେ ବିଭିନ୍ନ ପ୍ରକାର ସମ୍ବଳ ସଂଗ୍ରହ କରି ପାରିବା ଯଥା - | ବିଭିନ୍ନ ପ୍ରକାର ସାମଗ୍ରୀ ବା ସମ୍ବଳ ସମୂହର ରକ୍ଷଣାବେକ୍ଷଣ ଭିନ୍ନ ଭିନ୍ନ କୋଣର ପ୍ରସ୍ତୁତି ଯଥା- | ଶିକ୍ଷାର୍ଥୀ ମାନେ କେତେକ ନଥି ପତ୍ର ରକ୍ଷଣାବେକ୍ଷଣ କରିବାକୁ ମାର୍ଗଦର୍ଶନ ପାଇ ପାରିବେ ଯଥା- |
| • ମଞ୍ଜି ସଂଗ୍ରହ<br>• ପତ୍ର ସଂଗ୍ରହ<br>• ଚିତ୍ର ସଂଗ୍ରହ<br>• ଧାତୁ ପଥର ସଂଗ୍ରହ<br>• ମୁଦ୍ରା ସଂଗ୍ରହ<br>• ଡାକ ଟିକଟ୍ ସଂଗ୍ରହ<br>• ଖବର କାଗଜ କଟାଖଣ୍ଡ ସଂଗ୍ରହ<br>• ପତ୍ରିକା ସଂଗ୍ରହ | • ଗଳ୍ପ ବହି କୋଣ<br>• ନଥି ପତ୍ର କୋଣ<br>• ପ୍ରକଳ୍ପ କୋଣ<br>• ସଂଗ୍ରହ କୋଣ<br>• ଛବି କୋଣ<br>• ଅଦରକାରୀ ସାମଗ୍ରୀ କୋଣ<br>• ହସ୍ତଶିଳ୍ପ କୋଣ<br>• ଚାରୁକଳା କୋଣ<br>• ଗଣିତ କୋଣ<br>• ପ୍ରହେଳିକା କୋଣ<br>• ପରୀକ୍ଷଣ କୋଣ<br>• ଖେଳଣା କୋଣ<br>• ଖେଳ କୋଣ<br>• ମାନଚିତ୍ର କୋଣ<br>• ସୃଜନଶୀଳ କାର୍ଯ୍ୟର କୋଣ | • ଶିକ୍ଷାର୍ଥୀଙ୍କ ନଥି ପତ୍ର<br>• ବିଦ୍ୟାଳୟ ନଥି ପତ୍ର<br>• ଗ୍ରାମ ନଥି ପତ୍ର<br>• ଉଦ୍ଭିଦସମୂହ ନଥି ପତ୍ର<br>• ଗୃହପାଳିତ ପଶୁମାନଙ୍କ ସଂପର୍କିତ ନଥି ପତ୍ର<br>• ଘଟଣା ସଂପର୍କିତ ନଥି ପତ୍ର<br>• ସଂପର୍କ ସ୍ଥାପନ ନମ୍ବର ନଥିପତ୍ର |

ଏହି ଭାଗର ୫ ଓ ୬ ଏକକରେ ବର୍ଣ୍ଣିତ ହୋଇଥିବା ଭଳି ପରିବେଶ ଅଧ୍ୟୟନରେ ଅନେକଗୁଡିଏ ଶିକ୍ଷାଦାନ-ଶିକ୍ଷଣ ପରିସ୍ଥିତି ପାଇଁ ବିଦ୍ୟାଳୟର ଏହି ପ୍ରକାର ସମ୍ବଳ କେନ୍ଦ୍ର ବ୍ୟବହାର କରାଯାଇପାରିବ ।

ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଅଭିବୃଦ୍ଧି ପାଇଁ ପ୍ରତ୍ୟେକ ବିଦ୍ୟାଳୟ ନିଜେ ଗୋଟିଏ ଗୋଟିଏ ସମ୍ବଳ କେନ୍ଦ୍ର । ଏହା ଗୁରୁତ୍ୱପୂର୍ଣ୍ଣ ଯେ ବିଦ୍ୟାଳୟ ଗୁଡିକ ନିଜ ନିଜ ଭିତରେ ସମ୍ବଳ, ନିପୁଣତା ଓ ଅଭିଜ୍ଞତା ସମୂହକୁ ବିନିମୟ କରିଥାନ୍ତି । ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣକୁ ଆଗ୍ରହୋଦ୍ଦୀପ ଓ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା କରିବାରେ ବିଦ୍ୟାଳୟ ଗୁଡିକ ମଧ୍ୟରେ ସହଭାଗୀତା ଫଳପ୍ରଦ ହୋଇପାରିବ ।





ପ୍ରତ୍ୟେକ ବିଦ୍ୟାଳୟ ଗୋଟିଏ ଗୋଟିଏ ସମ୍ବଳ କେନ୍ଦ୍ର ଓ ପଡୋଶୀ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କ ବିଦ୍ୟାଳୟ ପରିଦର୍ଶନ ଓ ସମ୍ବଳ କେନ୍ଦ୍ରକୁ ବ୍ୟବହାର କରିବା ପାଇଁ ଆମନ୍ତ୍ରିତ କରିପାରନ୍ତି । ବର୍ଷରେ ଥରେ ଗୋଟିଏ ଘଟଣା (ମେଳା, ପ୍ରଦର୍ଶନୀ ଇତ୍ୟାଦି) ସହଯୋଗୀ ବିଦ୍ୟାଳୟମାନଙ୍କ ଦ୍ୱାରା ମିଳିତ ଭାବରେ ପରିଚାଳିତ କରାଯାଇପାରିବ । ଏହି ଘଟଣା ଗୁଡ଼ିକରେ ପରିବେଶ ଅଧ୍ୟୟନ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇପାରିବ ଯାହା ଭାଗ ନେଇଥିବା ବିଦ୍ୟାଳୟଗୁଡ଼ିକର ପ୍ରାଥମିକତା ଆଧାରରେ ଚୟନ କରାଯାଇପାରେ ବା ପରିବେଶ ଅଧ୍ୟୟନ ପାଠ୍ୟ ଖସଡା ଆଧାରରେ ହୋଇପାରେ । ଏହି ଘଟଣା ଗୁଡ଼ିକରେ ସହାୟତା ଦେଇଥିବା ବିଦ୍ୟାଳୟର ଶିକ୍ଷାର୍ଥୀମାନେ (ବା ଏପରିକି ପାଖ ଅନ୍ୟ ବିଦ୍ୟାଳୟରୁ) ଅଂଶଗ୍ରହଣ ବିନିମୟ ଓ କୌତୁକ ସହ ଶିକ୍ଷଣ ନିମିତ୍ତ ଉତ୍ସାହିତ ହେବା ଦରକାର । ଶିକ୍ଷଣ, ଜ୍ଞାନ, ସାମଗ୍ରୀ ଓ ସମ୍ବଳ ସମୂହର ବିନିମୟ ନିମିତ୍ତ ଏହି ସୁଯୋଗଗୁଡ଼ିକ ଗୋଟିଏ ଅତି ଉତ୍ତମ ବିଚାରପାଠ ସଦୃଶ ।

## ୮.୭. ସମ୍ବଳ ସଂଗ୍ରହର ବିକାଶ ଓ ରକ୍ଷଣାବେକ୍ଷଣରେ ଶିକ୍ଷାର୍ଥୀ ଓ ଗୋଷ୍ଠୀର ଭୂମିକା

ଶୈକ୍ଷିକ ସମ୍ବଳ ଓ ସାମଗ୍ରୀ ସୃଷ୍ଟି ଓ ବିକାଶରେ ସାହାଯ୍ୟ କରିବା କ୍ଷେତ୍ରରେ ଗୋଷ୍ଠୀ ଓ ଏହାର ସଦସ୍ୟଙ୍କ ଗୁରୁତ୍ୱ ତୁମେ ଏବେ ଅନୁଭବ କରିପାରୁଥିବ । ଏବେ ତୁମେ ତୁମ ଚାରିପାଖରେ ଥିବା ବିବିଧ ସମ୍ବଳ ଗୁଡ଼ିକ ଚିହ୍ନଟ କରିବା ଓ ବିଦ୍ୟାଳୟ ସମୟ ନିର୍ଘଣ୍ଟ ମଧ୍ୟରେ ଥିବା ସୁଯୋଗରେ ଏଗୁଡ଼ିକୁ ବ୍ୟବହାର କରିବାରେ ସମର୍ଥ ହେବ । ତୁମେ ଏବେ ମଧ୍ୟ ଉପଯୁକ୍ତ ପରିବେଶ ଅଧ୍ୟୟନ ପ୍ରସଙ୍ଗଗୁଡ଼ିକୁ ବାଛିବାରେ ସମର୍ଥ ହେବ, ଯେଉଁଥି ପାଇଁ ଏହି ସମ୍ବଳଗୁଡ଼ିକ ଅତ୍ୟନ୍ତ ଉପଯୋଗୀ ହୋଇପାରିବ ।

ଏହା ମଧ୍ୟ ମନେରଖିବା ଦରକାର ଯେ ପିଲା ନିଜେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ । ତୁମକୁ ଏହା ଗ୍ରହଣ କରିବାକୁ ପଡ଼ିବ ଯେ ପିଲାଟି ଗୋଟିଏ ଶୂନ୍ୟ ମଗ୍ ବା ପାତ୍ର ନୁହେଁ ଯାହା 'ଜ୍ଞାନର ଜଗ୍' ବ୍ୟବହାର କରି ଶିକ୍ଷକଙ୍କ ଦ୍ୱାରା ପୂରଣ କରାଯାଇପାରିବ ।

ବର୍ତ୍ତମାନ ବୁଝିବା ଯେ ଥରେ ଏହା ସୃଷ୍ଟି ହୋଇଗଲେ କିପରି ଏହି ସାମଗ୍ରୀ ଓ ସମ୍ବଳ ସମୂହକୁ ଶିକ୍ଷାର୍ଥୀ ଓ ଗୋଷ୍ଠୀ ସହାୟତାରେ ରକ୍ଷଣାବେକ୍ଷଣ କରିବା । ଏବେ ଏହି ଗଳ୍ପଟିକୁ ପଢ଼ ।

ରାମପୁର ବୋଲି ଗୋଟିଏ ଛୋଟ ଗ୍ରାମରେ ବିଦ୍ୟାଳୟଟିଏ ଥିଲା । ରମେଶ ନାମରେ ଜଣେ ଶିକ୍ଷକ ସେଠାରେ କାମ କରୁଥିଲେ । ଗ୍ରାମର ପିଲାମାନଙ୍କ ତୁଳନାରେ ବିଦ୍ୟାଳୟ ପରିସରଟି ଛୋଟ ଥିଲା । ପିଲାମାନଙ୍କ ପାଇଁ ଏପରିକି ପର୍ଯ୍ୟାପ୍ତ ଆକାରର ଖେଳପଡ଼ିଆ ସେଠାରେ ନ ଥିଲା । ଶିକ୍ଷକ ରମେଶ ବିଦ୍ୟାଳୟ ପରିସରକୁ ବଡ଼ କରାଇବାର ସମ୍ଭାବନାଗୁଡ଼ିକୁ ଚିନ୍ତା କଲେ ।

ବିଦ୍ୟାଳୟର ଠିକ୍ ଆରପାଖକୁ ଗୋଟିଏ ଅଦରକାରୀ ଜମି ଥିଲା । ଏହି ଜମି ଖଣ୍ଡଟି କାହାର ଥିଲା ବୋଲି ରମେଶ ପିଲାମାନଙ୍କୁ ପଚାରିଲେ । ପିଲାମାନଙ୍କଠାରୁ ଉତ୍ତର ପାଇ ରମେଶ ରାମପୁରର ସରପଞ୍ଚଙ୍କ ପାଖକୁ ଗଲେ । ସେ ତାଙ୍କର ବିଚାର ଓ ସଂଶୟ ସରପଞ୍ଚଙ୍କ ସହିତ ବିନିମୟ କଲେ । ସେ ଏବଂ ସରପଞ୍ଚ ମିଶିକରି ଜମିର ମାଲିକ ପାଖକୁ ଗଲେ ଓ ସେହି ଜମିଟିକୁ ବିଦ୍ୟାଳୟକୁ ଦାନ କରିବାକୁ ହୃଦବୋଧ କରାଇଲେ । ସରପଞ୍ଚଙ୍କ ପ୍ରବର୍ତ୍ତନା ଓ ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷକ ରମେଶଙ୍କ ଆବେଗ ଏବଂ ପ୍ରତିଶ୍ରୁତିବଦ୍ଧତା କାରଣରୁ ଜମିମାଲିକ ଏହି ପ୍ରସ୍ତାବରେ ରାଜିହେଲେ । ଗ୍ରାମର ରାଜସ୍ୱ ଅଧିକାରୀଙ୍କ ମାର୍ଗଦର୍ଶନରେ ଆବଶ୍ୟକୀୟ କାଗଜପତ୍ର ମଧ୍ୟ ପ୍ରସ୍ତୁତି ହେଲା ଓ ଦସ୍ତଖତ କରାଗଲା ।

ଏବେ ଗୋଟିଏ ବଡ଼ ପ୍ରଶ୍ନ ଯେ କିପରି ଅଦରକାରୀ ଜମି ଖଣ୍ଡକ ପିଲାମାନଙ୍କ ପାଇଁ ସୁରକ୍ଷିତ ଖେଳ ପଡ଼ିଆରେ ରୂପାନ୍ତରିତ ହେଲା । ସେ ପିଲାମାନଙ୍କୁ ପଚାରିଲେ ଓ ପିଲାମାନେ ବାଟ ଦେଖାଇଲେ । ପିଲାମାନେ ସେମାନଙ୍କ ପିତାମାତାଙ୍କ ସହିତ କଥା ହେଲେ ଓ ସେମାନଙ୍କ ଭିତରୁ ଜଣେ ପଡ଼ିଆଟିକୁ

ଟିପ୍ପଣୀ

ସମତୁଲ କରିବା ପାଇଁ ତାଙ୍କ ଟ୍ରାକ୍ଟର ଆଣିଲେ । ପିଲାମାନେ ସେମାନଙ୍କ ଘରୁ ଦାଆ ଓ କୁରାଢ଼ୀ ଘାସ ଓ ଗୁଳ୍ମ ସଫା କରିବା ପାଇଁ ଆଣିଲେ । ପରିଶେଷରେ ପଡିଆଟି ପ୍ରସ୍ତୁତ ହୋଇଗଲା ।

"ଶିକ୍ଷଣ ପ୍ରକ୍ରିୟାରେ ଗୋଷ୍ଠୀ ଓ ଶିକ୍ଷାର୍ଥୀମାନଙ୍କ ଅବଦାନ ମହତ୍ୱପୂର୍ଣ୍ଣ" ଏହା ରମେଶଙ୍କ ପାଇଁ ଏକ ଶିକ୍ଷା ଥିଲା । ସେ ଏହି ସଂପର୍କକୁ ଏପରିକି ଅଧିକ ଦୃଢ କରିବାକୁ ସ୍ଥିର କଲେ । ସେ ବିଦ୍ୟାଳୟ ପାଠାଗାର ଓ ପରୀକ୍ଷାଗାର ସ୍ଥାପନ କଲେ ଓ ପରୀକ୍ଷାଗାରର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମର ଦୁଇଜଣ ତରୁଣ ପିଲାଙ୍କ ଉପରେ ନ୍ୟସ୍ତ କରାଗଲା । ବହି ଓ ପରୀକ୍ଷାଗାରର ସାମଗ୍ରୀ ଏବଂ ଯନ୍ତ୍ରପାତି ପାଇଁ ସେ ସରକାରୀ ଡାକ୍ତରଖାନାର ଡାକ୍ତର, ଗ୍ରମପଞ୍ଚାୟତ ଓ ଅନ୍ୟାନ୍ୟ ଶୁଭେଚ୍ଛୁମାନଙ୍କ ସହାୟତା ନେଲେ ।

ଆମ ବିଦ୍ୟାଳୟଗୁଡ଼ିକରେ ଉତ୍ତମ ଶୈକ୍ଷିକ ସମ୍ବଳ ସମୂହ ସୃଷ୍ଟି ଓ ବିକାଶ କରିବାରେ ଏକ ନୂତନ ବାଟ ପାଇଁ ଅନେକ ଧାରଣା ସହିତ ଏହା ବାସ୍ତବଜୀବନରେ କେବଳ ଗୋଟିଏ ମାତ୍ର ଉଦାହରଣ ।

**ପଢ଼ ଓ ଚିନ୍ତାକର**

କ) ଯଦି ରମେଶ ତାଙ୍କ ବିଦ୍ୟାଳୟରେ ଗୋଟିଏ ବଗିଚା କରିବାକୁ ଚାହାଁନ୍ତି, ତେବେ ସେ କ'ଣ କରିବେ ?

ଖ) ବିନାମୂଲ୍ୟରେ ରମେଶ ତାଙ୍କ ବିଦ୍ୟାଳୟ ପାଇଁ କିପରି ଖବରକାଗଜ ବ୍ୟବସ୍ଥା କରିବେ ?

ଗ) ତୁମ ବିଦ୍ୟାଳୟରେ ସ୍ୱଳ୍ପ ମୂଲ୍ୟଯୁକ୍ତ ଆସବାବପତ୍ର ତିଆରିରେ ତୁମେ କିପରି ସାହାଯ୍ୟ କରିପାରିବ ଚିନ୍ତା କର ?

ଘ) ତୁମ ବିଦ୍ୟାଳୟ ଥିବା ଅଞ୍ଚଳର ମାନଚିତ୍ର ପ୍ରସ୍ତୁତ କରିବାକୁ ଓ ସେହି ଅଞ୍ଚଳର ଏକ ଚିତ୍ର ଆଲବମ୍ ପ୍ରସ୍ତୁତ କରିବାକୁ ଯଦି ତୁମେ ଚାହଁ ତେବେ କ'ଣ କରିବ ? ଏହାର ରକ୍ଷଣାବେକ୍ଷଣ କିପରି କରିବ ?

## ୮.୮ ସାରାଂଶ

ଏହି ଏକକରେ ତୁମେ ଉଦାହରଣମାନ ଦେଖିଛ ଓ ଏଗୁଡିକ ଉପରେ ଚିନ୍ତନ କର ନିମ୍ନୋକ୍ତ ଦିଗଗୁଡିକ ଜାଣିବା ପାଇଁ –

- ବଡ ବଜେଟ୍ ଓ ଖର୍ଚ୍ଚବହୁଳ ସାମଗ୍ରୀ ବିନା, ପରିବେଶ ଅଧ୍ୟୟନ ଶିକ୍ଷାଦାନ ପାଇଁ କି ପ୍ରକାର ଶୈକ୍ଷିକ ସମ୍ବଳ ବିକଶିତ କରାଯାଇ ପାରିବ ବୁଝ ।
- ତୁମ ଚାରିପାଖରେ ଥିବା ମୁଖ୍ୟ ସମ୍ବଳଗୁଡ଼ିକ – ଗୋଷ୍ଠୀ, ପିଲାମାନେ, ପ୍ରାକୃତିକ ପରିବେଶ, ପ୍ରଯୁକ୍ତିବିଦ୍ୟା ଇତ୍ୟାଦି ବିଷୟରେ ଶିଖ ।
- ବାଲିଗରଡା, କାଚ, ସାଇକେଲ ଇତ୍ୟାଦି ଭଳି ଆମ ଚାରିପାଖରେ ଥିବା ଜିନିଷ ଓ ସାମଗ୍ରୀ ବ୍ୟବହାର କରି କି ପ୍ରକାର ଶୈକ୍ଷିକ ସମ୍ବଳ ସମୂହ ସୃଷ୍ଟି କରାଯାଇପାରିବ ଅନୁଭବ କର ।
- ପରିବେଶ ଅଧ୍ୟୟନ ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ଗୋଟିଏ କ୍ଲଷ୍ଟରର ବିଦ୍ୟାଳୟଗୁଡ଼ିକ ପରସ୍ପର ଅଭିଜ୍ଞତାକୁ ବିନିମୟ କରିବେ ଓ ଶିଖିବେ ଏବଂ ବିବିଧ ସମ୍ବଳ ସମୂହ ସୃଷ୍ଟି କରିବାରେ ସାହାଯ୍ୟ କରିବା ପାଇଁ କିପରି ଏକତ୍ର ଆଗେଇ ଆସିବେ ବୁଝ ।
- ପରିବେଶ ଅଧ୍ୟୟନ ପାଇଁ ସ୍ଥାନୀୟ ନିର୍ଦ୍ଦିଷ୍ଟ ପରିବେଶ ପ୍ରିୟ ଓ ସ୍ୱଳ୍ପମୂଲ୍ୟର ସମ୍ବଳ ସଂଗ୍ରହ, ବ୍ୟବହାର ଓ ରକ୍ଷଣାବେକ୍ଷଣ କରିବାରେ ଗୋଷ୍ଠୀ ଓ ପିଲାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବୁଝ ।

## ୮.୯. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

### ନିଜ ଅଗ୍ରଗତି ଆକଳନ-୧

କ) ଗୋଷ୍ଠୀ ସମ୍ବଳ, ମାଧ୍ୟମ, ପ୍ରଯୁକ୍ତିବିଦ୍ୟା, ପ୍ରାକୃତିକ ଉପାଦାନ, ଆନୁଷ୍ଠାନିକ ସମ୍ବଳ ସମୂହ, ଚାରିପାଖରେ ଜିନିଷ/ସାମଗ୍ରୀ

ଖ) ଜଣେ କୃଷକ

ଗ) ଫିଲ୍ମ

### ନିଜ ଅଗ୍ରଗିତର ଆକଳନ-୨

କ) ବ୍ୟବହୃତ କଲମ, ବାଲିଗରଡା, ଛୋଟଡାଳ

ଖ) ଅଦରକାରୀ ପ୍ଲାଷ୍ଟିକ ପଦାର୍ଥ, ବନ୍ଧାବନ୍ଧି କରିବା ସାମଗ୍ରୀ, ଅଦରକାରୀ ଶସ୍ୟ

ଗ) ବର୍ଗୀକରଣ ଦକ୍ଷତା ଓ ଚିହ୍ନଟୀକରଣ ଦକ୍ଷତା

## ୮.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- *National Curriculum Framework 2005;* NCERT; New Delhi; 2005
- *Tbilisi to Ahmedabad: The journey of Environmental Education –A Source Book*; CEE; Ahmedabad, 2007
- *Environmental Education in the Indian school system*: Status Report; CEE; 2007
- *Joy of Learning: Handbook of Environmental Education Activities*; CEE for NCERT.
- http://subirshukla.blogspot.com
- http://.Education matters.blogspot.com posted by Subir Shukla .2010
- http://An Idea-Pedia for elementary education.blogspot.com by Subir Shukla
- http://solreka.com/blog/solar-cooking/build-a-simple-solar-cooker/


## ୮.୧୧ ପାଠାନ୍ତ ପ୍ରଶ୍ନାବଳୀ

୧. ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣ ପାଇଁ ସମ୍ବଳ କହିଲେ କ'ଣ ବୁଝାଯାଏ ?

୨. ତୁମକୁ ଯଦି ସ୍ଥାନୀୟ ଶୈକ୍ଷିକ ସାମଗ୍ରୀ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଏ ତେବେ ତୁମର ତାଲିକାରେ ତୁମେ କ'ଣ ଅର୍ନ୍ତଭୁକ୍ତ କରିବ ?

୩. ତୁମେ ଯଦି ସ୍ଥାନୀୟ ଗୋଷ୍ଠୀର ଶିକ୍ଷାର୍ଥୀ ଓ ବୟସ୍କ ବ୍ୟକ୍ତିମାନଙ୍କର ଏକ ସଭା ଆୟୋଜନ କର, ତେବେ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ଫର୍ଦ୍ଦ/ସାକ୍ଷାତକାର ଅନୁସୂଚୀରେ ତୁମେ କେଉଁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅର୍ନ୍ତଭୁକ୍ତ କରିବ ?

୪. ପରିବେଶ ଅଧ୍ୟୟନ ଶିକ୍ଷଣ ପ୍ରକ୍ରିୟାରେ ତୁମେ ଶିକ୍ଷାର୍ଥୀମାନଙ୍କ ଅଭିଜ୍ଞତାକୁ କିପରି ବିନିଯୋଗ କରିବ ?

୫. ଏହି ଏକକରେ ଦିଆଯାଇଥିବା ଶିକ୍ଷକ ରମେଶଙ୍କ ଗଳ୍ପରୁ ତୁମେ କଣ ଶିଖିଲ ?